### ଡାକସେବା ପ୍ରତିଷ୍ଠାକୁ ୧୭୦ବର୍ଷ ହେଲାଣି

# ଭଦ୍ରକ ମଣ୍ଡଳରେ ୩୫୩ ଡାକଘରର ନିଜସ୍ୱ ଘର ନାହିଁ

**ଭଦ୍ରକ,୧୫ ।୧(ସମିସ)**





## ମନ୍ଦିର, ଦୋକାନଘର, ଡାକ୍ତରଖାନାରେ ଚାଲିଛି ଅଧିକାଂଶ ଉପ ଓ ଶାଖା ଡାକଘର

ଭାରତରେ ଡାକସେବା ପ୍ରତିଷ୍ଠା ହେବାକୁ ୧୭୦ବର୍ଷ ହେଲାଣି। ୧୮୪୫ରେ ଲର୍ଡ ଡେଲହାଉସ୍‌ଙ୍କ ସମୟରେ ଭାରତରେ ଡାକସେବା ଆରମ୍ଭ ହୋଇଥିବା କୁହାଯାଏ। କେନ୍ଦ୍ର ସରକାରଙ୍କ ଯୋଗାଯୋଗ ବିଭାଗ ଅଧୀନରେ ଥିବା ଏହି ଡାକସେବା ଏକଦା ଦେଶର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଅଧିବାସୀଙ୍କୁ ଯୋଗାଯୋଗ, ଅର୍ଥ ଦେଣନେଣ ଓ ପାର୍ସଲ ସେବା ଆଦି ବହୁବିଧ ଗୁରୁତ୍ୱପୂର୍ଣ୍ଣ ପ୍ରମୁଖ ସେବା ଯୋଗାଇବାର ଏକମାତ୍ର ମାଧ୍ୟମ ଥିଲା। ଗତ କିଛିବର୍ଷ ହେବ ଡାକସେବାକୁ ବ୍ୟାଙ୍କିଙ୍ଗ ସେବା କରାଯିବା ସହ ବିଦ୍ୟୁତବିଲ୍, ଟେଲିଫୋନ ବିଲ ପୈଠ କରିବା ଠାରୁ ନେଟ୍‌ବ୍ୟାଙ୍କିଙ୍ଗ ସେବା ଆଦି ଯୋଗାଇ ଦିଆଯାଉଛି । ତେବେ ବିଡମ୍ବନାର କଥା ଏହି ପ୍ରାଚୀନ ଡାକସେବା ଏବେ ଭଡାଘରେ, ଦୋକାନଘରେ, ମନ୍ଦିର ପରିସର ଓ ଡାକ୍ତରଖାନା ଘରେ ଚାଲିଛି। ଅର୍ଥାତ ନିଜସ୍ୱ ଘର ନାହିଁ। ସୂଚନାନୁଯାୟୀ, ଭଦ୍ରକ ମଣ୍ଡଳ ଅଧିନରେ ଆଜି ବି ମୋଟ ୩୫୩ଟି ଉପଡାକଘର ଓ ଶାଖାଡାକଘର ନିଜସ୍ୱ ଗୃହ ନାହିଁ। ଭଦ୍ରକ ମଣ୍ଡଳ ଡାକଘର ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସୂଚନାନୁଯାୟୀ, ଏହି ମଣ୍ଡଳ ଅଧିନରେ ଗୋଟିଏ ହେଡ୍ ପୋଷ୍ଟ ଅଫିସ ବା ମୁଖ୍ୟ ଡାକଘରଟିର ନିଜସ୍ୱ ଗୃହ ରହିଛି। ସେହିଭଳି ମଣ୍ଡଳ ଅଧୀନରେ ୫୫ଟି ସବ୍ ପୋଷ୍ଟ ଅଫିସ ରହିଛି। ଏହି ସବ୍ ପୋଷ୍ଟ ଅଫିସ ମଧ୍ୟରୁ ବନ୍ତ ଓ ଚାନ୍ଦବାଲିରେ ବିଭାଗର ନିଜସ୍ୱ ଗୃହ ରହିଛି। ସେହିଭଳି ଭଦ୍ରକ ମଣ୍ଡଳ ଅଧୀନ ବାଲେଶ୍ୱର ଜିଲ୍ଲା ସିମୁଳିଆ ସବ୍ ପୋଷ୍ଟ ଅଫିସଟି ଭଡାଘରେ ଚାଲିଥିବା ବେଳେ ଏହାର ନିଜସ୍ୱ ଗୃହ ନିର୍ମାଣ କାର୍ଯ୍ୟ ବଳବତର ରହିଛି। ସେହିଭଳି ଭଦ୍ରକ କଲେଜ ଓ ବାସୁଦେବପୁର ଅଟଳବିହାରୀ କଲେଜ ପରିସରରେ ଥିବା ୨ଟି ସବ୍ ପୋଷ୍ଟ ଅଫିସ ଗୃହକୁତ ମାଗଣାରେ କଲେଜ କର୍ତ୍ତୃପକ୍ଷ ଯୋଗାଇ ଦେଇଛନ୍ତି। ଅବଶିଷ୍ଟ ୫୧ଟି ସବ୍ ପୋଷ୍ଟ ଅଫିସ ଭଡାରେ ଚାଲିଛି। ଏହି ଭଡା ଡାକ ମଣ୍ଡଳ ପକ୍ଷରୁ ବହନ କରାଯାଉଛି। ଅନ୍ୟପକ୍ଷରେ ଭଦ୍ରକ ଡାକମଣ୍ଡଳ ଅଧୀନରେ ରହିଥିବା ୩୦୨ଟି ବ୍ରାଞ୍ଚ ପୋଷ୍ଟ ଅଫିସ ମଧ୍ୟରୁ କାହାର ନିଜସ୍ୱ ଗୃହ ନାହିଁ। ମାତ୍ର କିଛି ଟଙ୍କା ବ୍ୟୟରେ ଭଡାଘରେ ତ ପୁଣି କେଉଁ ଦୋକାନଗୃହରେ ଚାଲିଛି ଏହି ବ୍ରାଞ୍ଚ ପୋଷ୍ଟ ଅଫିସ । ଜିଲ୍ଲା ତମାମ ଏହିଭଳି ସ୍ଥାନରେ ଚାଲିଥିବା ଏହି ବ୍ରାଞ୍ଚ ଡାକ ଅଫିସ ଗୁଡିକ ମଧ୍ୟରେ କେତେକ ମନ୍ଦିର ପରିସରରେ ଚାଲିଥିବା ବେଳେ ଆଉ କେତେକ ସରକାରୀ ଡାକ୍ତରଖାନା ଗୃହରେ ଦୀର୍ଘ ବର୍ଷ ହେବ ଚାଲିଛି। ଏହି ଦୃଶ୍ୟ ଦେଖିବାକୁ ମିଳେ ଭଦ୍ରକ ସହର କୁଆଁସ ହରିହାଟ ପରିସର ପୋଷ୍ଟ ଅଫିସ ଓ ତିହିଡି ବ୍ଲକ ତାଳାପଦା ପଞ୍ଚାୟତରେ ଥିବା ସରକାରୀ ହୋମିଓପାଥିକ ଚିକିତ୍ସାଳୟ ବିଲଡିଂରେ। ସେହିଭଳି ଜିଲ୍ଲାର ବହୁ ବ୍ରାଞ୍ଚ ଡାକଘର ପରିତ୍ୟକ୍ତ ସ୍ଥାନରେ ବି ଚାଲିଛି। ଭଦ୍ରକ ମଣ୍ଡଳ ଡାକ ବିଭାଗ ଅଧିନରେ ୧୦ଲକ୍ଷରୁ ଅଧିକ ହିତାଧିକାରୀ ଥିବା ବେଳେ ଏହାର ୩୫୩ଟି ସବ୍ ଓ ବ୍ରାଞ୍ଚ ପୋଷ୍ଟ ଅଫିସ ଗୃହ ବର୍ଷ ବର୍ଷ ଧରି ଭଡାଘରେ ଚାଲିବା ଘଟଣା ଡାକ ବିଭାଗର ଅବହେଳାକୁ ପଦାରେ ପକାଇଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ପୋଖରୀରେ ପଡ଼ି ୪ ବର୍ଷର ଶିଶୁପୁତ୍ର ମୃତ

**ବାସୁଦେବପୁର,୧୫ ।୧(ସମିସ):** ବାସୁଦେବପୁର ସ୍ଥିତ ନାୟକାଣିଡିହୀ ଥାନା ଅଞ୍ଚଳର ଗୋବିନ୍ଦପୁର ଗ୍ରାମରେ ଗ୍ରାମର ଖଗେଶ୍ୱର ଜେନାଙ୍କ ୪ ବର୍ଷର ପୁଅ ହିମାଂଶୁ ପୋଖରୀରେ ପଡି ମୃତ୍ୟୁ ହୋଇଛି। ଆଜି ମଧ୍ୟାହ୍ନରେ ହିମାଂଶୁ ଘର ଦାଣ୍ଡରେ ଖେଳୁଥିବା ବେଳେ କୌଣସି କାରଣରୁ ନିକଟରେ ଥିବା ଏକ ପୋଖରୀରେ ପଡି ଯାଇଥିଲା। ପରିବାର ଲୋକେ ହିଂମାଶୁକୁ ଦେଖିବାକୁ ନପାଇ ଖୋଜାଖୋଜି କରିଥିଲେ। ହିମାଂଶୁକୁ ପୋଖରୀରେ ପଡିଥିବା ସନ୍ଦେହରେ ଖୋଜି ସଂଜ୍ଞାହୀନ ଅବସ୍ଥାରେ ଠାବ କରିଥିଲେ। ସଙ୍ଗେ ସଙ୍ଗେ ହିମାଂଶୁକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଲେ ଏଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ପରଲୋକରେ ଶତାୟୁ ପୁରୁଷ

**ବାସୁଦେବପୁର,୧୫ ।୧(ସମିସ):** ବାସୁଦେବପୁର ପୌରପାଳିକାର ମନ୍ଦାରୀ ଗ୍ରାମରେ ଜଣେ ଶତାୟୁ ବ୍ୟକ୍ତିଙ୍କ ପରଲୋକ ହୋଇଯାଇଛି। ମୃତ ବ୍ୟକ୍ତି ଜଣକ ସ୍ଥାନୀୟ ମନ୍ଦାରୀ ଗ୍ରାମର ସାରଙ୍ଗଧର ଜେନା। ଯାହାଙ୍କର ବୟସ ୧୦୧ ହେବ। ଆଜି ତାଙ୍କ ମୃତ୍ୟୁ ଖବରରେ ସାରା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିବା ବେଳେ ବହୁ ଜ୍ଞାନୀ ଗୁଣିଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ତାଙ୍କର ଶେଷ ଦର୍ଶନ କରିଛନ୍ତି। ମୃତ ଶ୍ରୀ ଓଝା ଜଣେ ଆଗଧାଡିର କାଠ ମିସ୍ତ୍ରି ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତ। ସ୍ଥାନୀୟ ଅଞ୍ଚଳରେ କେହି କାଠ କାମ ପାଇଁ ଚିନ୍ତାକଲେ ଶ୍ରୀ ଓଝା ଖୋଜା ପଡିଥାନ୍ତି। ସେ ଜଣେ ନିଷ୍ଠାପର ଓ ପରୋପକାରୀ ବ୍ୟକ୍ତି ଭାବେ ମଧ ପରିଚିତ। ତାଙ୍କର ମୃତ୍ୟୁ ଖବରରେ ପରିବାର ସମେତ ସାରା ଅଞ୍ଚଳରେ ଦୁଃଖରେ ଭାଙ୍ଗି ପଡିଥିବା ବେଳେ ବିଭିନ୍ନ ମହଲରୁ ଶୋକର ବାର୍ତା ପ୍ରଦାନ କରିଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



**ଦୋବଲ,୧୫ ।୧(ସମିସ):** ଦୋବଲ ଜୋନ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତର ରାମେଶ୍ୱରପୁର ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ପୂର୍ବତନ ସରପଞ୍ଚ ନୃସିଂହ ଚରଣ ବାରିକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଓ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସ୍ମୃତି.ରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ସମାଜସେବୀ ନାରାୟଣ ଚନ୍ଦ୍ର ନାୟକ ସଭା ପରିଚାଳନା କରିଥିଲେ। ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗ ଦେଇ ସ୍ୱର୍ଗତ ବାରିକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ବିନୋଦ ନାୟକ, ଆମ ଓଡିଶା ନବୀନ ଓଡିଶା ଜିଲ୍ଲା ସଂଯୋଜକ ଡା.ସଞ୍ଜୟ ଦାସ, ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ସରପଞ୍ଚ ରଞ୍ଜିତ ଯେନା, ସମିତିସଭ୍ୟ ସୁରେଶ ଚନ୍ଦ୍ର ସେଠୀ, ପୂର୍ବତନ ସରପଞ୍ଚ ବୀରେନ୍ଦ୍ର ବାରିକ, ରବିନ୍ଦ୍ର ବାରିକ, କ୍ଷେତ୍ରବାସୀ ବାରିକ, ନିରଞ୍ଜନ ପଣ୍ଡା, ରମାକାନ୍ତ ବେହେରା, ସମିତି ସଭ୍ୟ ବିଦ୍ୟାଧର ରାଉତ, ପ୍ରତାପ ସାମଲ, ମାନସ ରଞ୍ଜନ ରାଉତ, ବିରଜା ପ୍ରସନ୍ନ ରାଉତ, ରଘୁନାଥ କର, ନଗର ସଭାପତି ସୁଶାନ୍ତ ରାଉତ, ସମାଜସେବୀ ଓ ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ନୃସିଂହଚରଣ ବାରିକଙ୍କ ସ୍ମୃତି ଚାରଣ କରିଥିଲେ। ଶେଷରେ ସ୍ୱର୍ଗତ ବାରିକଙ୍କ ପୁତ୍ର ଭରତ ଚନ୍ଦ୍ର ବାରିକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଏବି କଲେଜରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

**ବାସୁଦେବପୁର,୧୫ ।୧(ସମିସ):** ବାସୁଦେବପୁର ଅଟଳ ବିହାରୀ କଲେଜ ପରିସର ମଧ୍ୟରେ ଅଟଳ ବିହାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି। ରାଜ୍ୟ ସରକାରଙ୍କ 'ନୂଆ-ଓ' ତଥା ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଆନୁକୂଲ୍ୟରେ ଅଟଳବିହାରୀ ମହାବିଦ୍ୟାଳୟରେ ଉତ୍କଳୀୟ ସଂସ୍କୃତିରେ ଶ୍ରୀଜଗନ୍ନାଥ ଚେତନା ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି। ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାର ଓଡିଆ ଭାଷା ସାହିତ୍ୟ ବିଭାଗର ସେବାନିବୃତ୍ତ ପ୍ରାଧ୍ୟାପକ ସନ୍ତୋଷ ତ୍ରିପାଠୀ ଆଲୋଚନାଚକ୍ରରେ ଉତ୍କଳୀୟ ସଂସ୍କୃତି ରେ ଶ୍ରୀ ଜଗନ୍ନାଥ ଚେତନା ଉପରେ ଉଦବୋଧନ ଦେଇଥିଲେ। ଅଟଳବିହାରୀ କଲେଜର ଅଧ୍ୟକ୍ଷ ବିଷ୍ଣୁମୋହନ ସ୍ୱାଇଁ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବି କଲେଜର ପରି.ଳନା ସମିତିର ସଭାପତି ବନମାଳୀ କୁଅଁର, ଯୁକ୍ତ ତିନି ବିଭାଗର କାର୍ଯ୍ୟକ୍ରମ ସଂଯୋଜକ ଡ.ରାଜେନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଚ୍ଚମାଧ୍ୟମିକ ବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ବିଜୟ ଅଗସ୍ତି, ମଞ୍ଚ ଆବାହନ ଓ ବିଷୟ ଭିତ୍ତିକ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତା ଭାବେ ଡ. ବସନ୍ତ ଦାସ, ସମ୍ମାନିତ ବକ୍ତା ଭରତ ଚନ୍ଦ୍ର ଦାସ ଯୋଗଦେଇ ଉଦବୋଧନ ଦେଇଥିଲେ। ଅଧ୍ୟାପକ ନିରଞ୍ଜନ ବେଦ ପାଠ କରିଥିଲେ। ଛାତ୍ରଛାତ୍ରୀ ସନ୍ଦର୍ଭ ପାଠ କରିଥିଲେ। ଡ.ରବିନାରାୟଣ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

## ସହୋଦର ସାହିତ୍ୟାୟନର ବାର୍ଷିକ ଉତ୍ସବ



**ଭଦ୍ରକ,୧୫ ।୧(ସମିସ):** ସହୋଦର ପ୍ରାଚୀର ପତ୍ରିକା ଭଦ୍ରକ ସାହିତ୍ୟ କ୍ଷେତ୍ରରେ ଏକ ନୂତନ ମାଇଲଖୁଣ୍ଟ ଭାବେ ଅନେକ ଯୁବପିଢ଼ିଙ୍କୁ ବିଗତ ଏକବର୍ଷ ଭିତରେ ସୁଯୋଗ ଦେଇ ସାହିତ୍ୟ କ୍ଷେତ୍ରରେ ଏକ ନୂତନ ସମ୍ଭାବନା ସୃଷ୍ଟି କରିପାରିଛି ବୋଲି ଏହାର ପ୍ରଥମ ବାର୍ଷିକ ସମାରୋହରେ ଯୋଗଦେଇ ଅତିଥି ଓ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ଡ. ଅଭୟ କୁମାର ଦାସଙ୍କ ସଞ୍ଚାଳନାରେ ସଂସ୍କୃତି ଭବନ ପରିସରରେ ଆୟୋଜିତ ଏହି ସମାରୋହରେ ଉଦ୍‌ଘାଟକ ଭାବେ ପ୍ରତିଷ୍ଠିତ କଥାକାର ପବିତ୍ର ପାଣିଗ୍ରାହୀ ଯୋଗଦେଇ ଯୁବପିଢ଼ିଙ୍କୁ ସାହିତ୍ୟମନସ୍କ କରିବାରେ ସହୋଦର ପ୍ରାଚୀରପତ୍ରର ଭୂମିକା ଉଲ୍ଲେଖନୀୟ ବୋଲି କହିଥିଲେ। କବି ଡ.ଅବନୀ ପ୍ରଧାନ ବାର୍ଷିକ ଉତ୍ସବର ସଂଖ୍ୟାକୁ ପାଠକାର୍ପିତ କରିଥିବା ବେଳେ ସାହିତ୍ୟରେ ପ୍ରାଚୀରପତ୍ରର ଭୂମିକା ଉପରେ ଇଂ.ଅଭୟ ସୂତାର, ଡ.ପ୍ରଭାତ ନଳିନୀ ମହାପାତ୍ର, ଗୀତାରାଣୀ ଆଇଚ, ନିହାର ରଞ୍ଜନ କର, ରୂପକ ବିହାରୀ ରାୟ, ଡ.ରାଧାରାଣୀ ମହାପାତ୍ର, ରତିକାନ୍ତ ବେହେରା, ମୁକ୍ତିକାନ୍ତ ମଲ୍ଲିକ, ଗୌରାଙ୍ଗ ବାରିକ, ନୀଳମାଧବ ସେନାପତି, ଆଶୁତୋଷ କରଣ, ବିଭୂତି ଭୂଷଣ ସେନାପତି, ଗଦାଧର ବଳ, ଚର୍ଚ୍ଚିକା ମହାପାତ୍ର, ଅମିତାଭ ଖିଲାର, ଦିପ୍ତୀମୟୀ ସାହୁ, ବିଜୟ ଜେନା ଓ ନାଟ୍ୟଶ୍ରୀ ନିର୍ମଳ ରାଉତ ପ୍ରମୁଖ ଆଲୋକପାତ କରିଥିଲେ। ସହୋଦରର ସୃଜନ ସମ୍ପାଦକ କିଶୋର ପାଣିଗ୍ରାହୀ ପ୍ରାକ୍‌ସୂଚନା ପ୍ରଦାନ କରିଥିବା ବେଳେ, ସମ୍ପାଦିକା ସୁଜାତା ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ କବି ବିଜୟ ବହଳୀ ବେଦପାଠ କରିଥିଲେ। କବି ମାନସ ପଣ୍ଡାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସହସମ୍ପାଦକ ଋତୁରାଜ ଅକ୍ଷୟ, କଳାସମ୍ପାଦକ ଚୂଡ଼ାମଣି ଦାସ, ବିଚିତ୍ରାନନ୍ଦ ଜେନା, ପ୍ରଦୀପ୍ତ ମହାନ୍ତି ଏବଂ ଅଂଶୁମାନ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରି.ଳନା କରିଥିବା ବେଳେ, ପ୍ରକାଶକ ଅଶୋକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜକିଶୋର ସ୍ମୃତି ସଂସଦର ଶ୍ରଦ୍ଧାଞ୍ଜଳି ସଭା ଓ ସମ୍ବର୍ଦ୍ଧନା ଉତ୍ସବ

**ତିହିଡ଼ି,୧୫।୧(ସମିସ):** ଅବସରପ୍ରାପ୍ତ ୟୁକୋ ବ୍ୟାଙ୍କ ପ୍ରବନ୍ଧକ ରାଜକିଶୋର ପାଣିଗ୍ରାହୀଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଓ ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମ ତିହିଡ଼ି ବ୍ଲକ୍ ଗୁଆମାଳଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପାଲିଆବିନ୍ଧା କଲେଜ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଡ.ବିଶ୍ୱରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଓଡ଼ିଆ କବି ହୃଦାନନ୍ଦ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ରାମନାରାୟଣ ନାୟକ, କବି ଦୀନବନ୍ଧୁ ପତି, ବ୍ୟାଙ୍କ ପ୍ରବନ୍ଧକ ପଦ୍ମଲୋଚନ ମହାଳିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣଜିତ୍ ବେହେରା, ରବିନାରାୟଣ ବେହେରା, ସୁଧାଂଶୁଶେଖର ପାଣିଗ୍ରାହୀ, ବିଶ୍ୱନାଥ ଦୀକ୍ଷିତ, ବୀରକିଶୋର ଦାସ, ନିର୍ମଳ ପାଢ଼ୀ, ଅଜୟ ଦାସ, ଜୟନାରାୟଣ ପାଣିଗ୍ରାହୀ, ଅକ୍ଷୟ ପାଢ଼ୀ, ସୁରେଶଚନ୍ଦ୍ର ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସମାଜସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମ୍ବାଦିକ ରାମନାରାୟଣ ନାୟକ ଓ ପ୍ରବନ୍ଧକ ପଦ୍ମଲୋଚନ ମହାଳିକଙ୍କୁ 'ରାଜକିଶୋର ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। କନିଷ୍ଠଭ୍ରାତା ନନ୍ଦକିଶୋର ପାଣିଗ୍ରାହୀ ଶେଷସ୍ୱର୍ଶ ପ୍ରଦାନ କରିଥିଲେ।






## ଚକ୍ରପାଢ଼ି ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ

**ଆଗରପଡ଼ା,୧୫।୧(ସମିସ):** ବନ୍ତ ବ୍ଲକ ଚାରିଗାଁ ପଞ୍ଚାୟତ ଅନ୍ତର୍ଗତ ଚକ୍ରପାଢ଼ି ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ୨ଦିନ ଧରି ପାଳିତ ଉକ୍ତ ଉତ୍ସବର ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କବିତା ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସମିତିସଭ୍ୟ ଧରଣୀଧର କର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଗଣେଶ ପ୍ରସାଦ ଭୋଳ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ବନମାଳୀ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୃତ୍ୟୁଞ୍ଜୟ କୁଣ୍ଡୁ, ପଞ୍ଚାୟତ ବିଜେଡି ସଭାପତି ପର୍ଶୁରାମ ପାଣିଗ୍ରାହୀ, ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟଦେବ ସାହୁ, ଅବସରପ୍ରାପ୍ତ ଶିକ୍ଷକ ମଧୁସୂଦନ ସାହୁ, ଅଣିଜୋ ଆଞ୍ଚଳିକ ସାଧନ ସଂଯୋଜକ ଅକ୍ଷୟ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜିତ ବିଭିନ୍ନ ଖେଳକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କବିତା ପାଣିଗ୍ରାହୀ, ଏସଏମସି ସଭାପତି ମୃତ୍ୟୁଞ୍ଜୟ କୁଣ୍ଡୁ, ପ୍ରଫୁଲ୍ଲ ବିଶ୍ୱାଳ, ପ୍ରଫୁଲ୍ଲ ନାୟକ, ବିଜୟ ଦାସ, ବିଶ୍ୱନାଥ ଜେନା, ବୃନ୍ଦାବନ ଜେନା, ନିରୂପମା ଦାଶ, କଳ୍ପନା ସାହୁ ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମତେ ପରିଚାଳନା କମିଟି ସଭ୍ୟ/ସଭ୍ୟା ପରିଚାଳନାରେ ସହଯୋଗ କରିଥିଲେ। ଏହି କ୍ରୀଡ଼ା ଉତ୍ସବରେ ଅଭିଭାବକ, ଅଭିଭାବିକାଙ୍କ ସମେତ ଗ୍ରାମାବାସୀ ଉପସ୍ଥିତ ଥିଲେ।

## ତେସିଙ୍ଗାରେ ଅଗ୍ନିକାଣ୍ଡ

**ଭଣ୍ଡାରିପୋଖରୀ,୧୫ ।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ତେସିଙ୍ଗା ଗ୍ରାମର ପୁଷ୍ପଲତା ସ୍ୱାଇଁ ଓ ବାସନ୍ତୀଲତା ସ୍ୱାଇଁଙ୍କ ଘରେ ଅଗ୍ନିକାଣ୍ଡ ଘଟି ୬ବଖରା ଘର ପୋଡ଼ିଯିବା ସହ ସମସ୍ତ ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଛି। ରାତି ପ୍ରାୟ ଗୋଟାଏ ବେଳେ ଅଗ୍ନିକାଣ୍ଡ ଘଟି ୬ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। କୌଣସି ଜିନିଷ ଉଦ୍ଧାର ହୋଇପାରିନଥିବା ବେଳେ ଅଗ୍ନିକାଣ୍ଡର ସଠିକ କାରଣ ଜଣା ପଡି ନାହିଁ। ବିଦ୍ୟୁତ ସଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଇଛି ସ୍ଥାନୀୟ ରାଜସ ନିରୀକ୍ଷକ ବିପତ୍ତ ପରିବାରଙ୍କୁ ଭେଟି ପାଲ ଦେବା ସହ ତହସିଲଦାରଙ୍କୁ ରିପୋର୍ଟ କରିଛନ୍ତି ବିପତ୍ତ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି କରାଯାଇଛି।

## ସେମିରେ ବାଲେଶ୍ୱର ଆଦର୍ଶ କ୍ଲବ୍

**ଭଣ୍ଡାରିପୋଖରୀ,୧୫।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକର ନେରଡା ପଞ୍ଚାୟତ ଯଶୋଟିକିରି ବୈତରଣୀ ନଦୀକୂଳ ପଡିଆରେ ୨୭ତମ ମହାବୀର କପ କ୍ରିକେଟ ଫେଷ୍ଟିଭାଲ ସୋମବାର ଅନୁଷ୍ଠିତ ଦ୍ୱିତୀୟ କବାଟର ଫାଇନାଲ ମ୍ୟାଚ ବାଲେଶ୍ୱର ଆଦର୍ଶ କ୍ଲବ ଓ ଭଦ୍ରକ ସୂର୍ଯ୍ୟଶିଖା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୂର୍ଯ୍ୟଶିଖା ଦଳ ଟସ ଜିଣି ପ୍ରଥମେ ଫିଲ୍ଡିଂ କରିଥିଲା। ପ୍ରଥମେ ବ୍ୟାଟିଂ କରି ଆଦର୍ଶ କ୍ଲବ ୨୪.୫ ଓଭରରେ ସମସ୍ତ ୱିକେଟ ହରାଇ ୧୯୨ ରନ ସ୍କୋର କରିଥିଲା। ବ୍ୟାଟ୍ସମ୍ୟାନ ଶେଖ ମିନାଜ ୬୪ ରନ ଓ ସୁକାନ୍ତ ମହାନ୍ତି ୩୬ ରନ ହାସଲ କରିଥିଲେ। ପ୍ରତିପକ୍ଷ ବୋଲର ସାଉଲିନ ମଲ୍ଲିକ ୫ ଓଭର ବୋଲିଂ କରି ୪୫ ରନ ବିନିମୟରେ ୩ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ସୂର୍ଯ୍ୟଶିଖା ଦଳ ୧୯.୩ ଓଭରରେ ସମସ୍ତ ୱିକେଟ ହରାଇ ୧୨୫କରି ଶୋଚନୀୟ ଭାବେ ପରାଜିତ ହୋଇଥିଲା। ଆଦର୍ଶ ଦଳ ୬୭ ରନରେ ବିଜୟ ହାସଲ କରିଥିଲା। ବ୍ୟାଟ୍ସମ୍ୟାନ ଦିରାଜ ବେହେରା ୩୪ ଓ ସରୋଜ ବେହେରା ୩୨ ରନ ସ୍କୋର କରିଥିଲେ। ପ୍ରତିପକ୍ଷ ବୋଲର ସୁକାନ୍ତ ମହାନ୍ତି ୪ ଓଭର ବୋଲିଂରେ ୯ ରନ ଦେଇ ୩ ଉଇକେଟ ହାସଲ କରିଥିଲେ। ସୁକାନ୍ତ ମହାନ୍ତି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦୁର୍ଗା ପ୍ରସାଦ ପଟ୍ଟନାୟକ ଓ ଜ୍ଞାନରଞ୍ଜନ ସ୍ୱାଇଁ ଅମ୍ପାୟାର ଥିବାବେଳେ ପ୍ରଭୁକଲ୍ୟାଣ ସାମଲ ଓ ସନ୍ତୋଷ ନନ୍ଦ ସ୍କୋରର, ପ୍ରତ୍ୟୁଷ ସାହୁ ଓ ପ୍ରଶାନ୍ତ ପଟ୍ଟନାୟକ ଧାରାବିବରଣୀ ପ୍ରଦାନ କରିଥିଲେ। ମାନସ କୁମାର ପଣ୍ଡା ମ୍ୟାଚ ରେଫରୀ ଦାୟୀତ୍ୱ ତୁଲାଇଥିଲେ। ମଙ୍ଗଳବାର ହେବକୁ ଥିବା ୩ୟ କ୍ୱାଟର ଫାଇନାଲ ମ୍ୟାଚ ଜଗତସିଂହପୁର ମାଷ୍ଟର ୧୧ ଓ ୟୁନିକ୍ ଭଦ୍ରକ ଦଳ ମଧ୍ୟରେ ଅନୁଷ୍ଠିତ ହେବ।






## ସିଆର୍‌ଏସ୍ ହାଇସ୍କୁଲର ପ୍ଲାଟିନମ୍ ଜୁବୁଲି ଉଦ୍‌ଯାପିତ

**ତିହିଡ଼ି,୧୫।୧(ସମିସ)**



ତିହିଡ଼ି ସ୍ଥିତ ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲର ୭୫ ବର୍ଷ ପୂର୍ତ୍ତି ଅବସରରେ ଚାଲିଥିବା ତିନିଦିନିଆ ପ୍ଲାଟିନମ ଜୁବୁଲି ସମାରୋହ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରେ ପୁରାତନ ଛାତ୍ର ପାର୍ଥସାରଥି ନାୟକଙ୍କ ସଂଚାଳନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ମୁଖ୍ୟବକ୍ତା ଭାବେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ସମ୍ମାନିତ ଅତିଥି ଭାବେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଥିଲେ। ଜୁବୁଲି କମିଟିର ସଭାପତି ସୋମନାଥ ପାଢ଼ୀ ଓ ସମ୍ପାଦକ ତଥା ପ୍ରଧାନ ଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର ଜୁବୁଲି ପାଳନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପୁରାତନ ଛାତ୍ର ସୀତାକାନ୍ତ ନାୟକ ପ୍ରାରମ୍ଭିକ ସୂଚନା ସହିତ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ପୁରାତନ ଛାତ୍ର କୈଳାସ ବେହେରା ଅତିଥି ପରିଚୟ ପ୍ରଦାନ ଓ ପୁରାତନ ଛାତ୍ର କୀର୍ତ୍ତନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍କୁଲର ବର୍ତ୍ତମାନର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଣଶିକ୍ଷା କର୍ମଚାରୀମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରାଯାଇଥିଲା।

ପୁରାତନ ଛାତ୍ର ସୁଧାଂଶୁ ନାୟକଙ୍କ ନିର୍ଦ୍ଦେଶନାରେ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଜିଲ୍ଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ତ୍ୟାଗଭୂମି ସମ୍ମେଳନ ସଭାପତି ଅଜୟ ନାୟକ, ଧାମନଗର ଯୁବ ବିଜେଡି ସଭାପତି ସୁଧନ୍ୱା ନାୟକ, ସମିତିସଭ୍ୟ ଚିନ୍ତାମଣି ଦାସ, ବୁଦ୍ଧଦେବ ଜେନା, ପ୍ରାକ୍ତନ ସରପଞ୍ଚ ଉଷାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ଗଣେଶପ୍ରସାଦ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ୨ୟ ଅଧିବେଶନରେ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଏହି ଅବସରରେ ପଣ୍ଡିତ ବୀରେନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନ ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ. ମନୋରଞ୍ଜନ କର, ମୁଖ୍ୟବକ୍ତା ଭାବେ ମେଜର ଡ. ଚିନ୍ତାମଣି ଭାରତୀ ଯୋଗ ଦେଇଥିଲେ। ପୁରାତନ ଛାତ୍ର ବିସ୍ମୟ ବିହାରୀ ସାହୁ ପ୍ରାରମ୍ଭିକ ସୂଚନା ସହ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ପୁରାତନ ଛାତ୍ର ଅଧ୍ୟାପକ ଅଶୋକ କୁମାର ସାହୁ ଅତିଥି ପରିଚୟ ଏବଂ ପ୍ରାକ୍ତନ ଛାତ୍ର ମନୋଜ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ଛାତ୍ର ଅମୂଲ୍ୟ ସେନାପତି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ହନ୍ତସନ୍ତ ହେଉଛନ୍ତି ୭୮ ବର୍ଷୀୟ ବୃଦ୍ଧା

# ୨ ମାସ ହେଲା ହୋଇପାରୁନି ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର

**ବାଲିଚନ୍ଦ୍ରପୁର, ୧୫ ।୧ (ସମିସ)**

ସରକାର ଗରିବ ନିରାଶ୍ରୟଙ୍କୁ ଥଇଥାନ କରିବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର, ମୋ କୁଡିଆ, ମଧୁବାବୁ ପେନ୍‌ସନ ଭଳି ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତୃଣମୂଳ ସ୍ତରରେ ଥିବା ଲୋକେ ଅଧିକରୁ ଅଧିକ କିପରି ସାମିଲ ହୋଇପାରିବେ ସେଥିପାଇଁ ପଞ୍ଚାୟତରୁ ଆରମ୍ଭ କରି ବ୍ଲକ ଓ ଜିଲ୍ଲା ପ୍ରଶାସନ ତୀକ୍ଷଣ ଦୃଷ୍ଟି ଦେବାକୁ ତାଗିଦ କରିଥିବାବେଳେ ବଡଚଣା ବ୍ଲକ ପତରାଜପୁର ପଞ୍ଚାୟତ ୱାର୍ଡ ନଂ ୧ର ଗରିବ ଅସହାୟ ମହିଳା ଖଇରୁନ୍ ବିବି ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣ ପତ୍ର ମିଳି ନ ଥିବାରୁ ତାଙ୍କୁ ଭତ୍ତା ମିଳିପାରୁନାହିଁ। ୨ ମାସ ବିତିଯାଇଥିଲେ ମଧ୍ୟ ତାଙ୍କୁ ମୃତ୍ୟୁ ପ୍ରମାଣପତ୍ର ମିଳୁନି।

ଆଖିକୁ ଠିକ୍ ଭାବେ ଦେଖାଯାଉନି। ଠିକ୍‌ରେ ବାଟ ଚାଲି ପାରୁନାହାନ୍ତି। ଆଧାର କାର୍ଡ ଅନୁସାରେ ବୟସ ୭୮ ଟପିଗଲାଣି। କିନ୍ତୁ ସରକାରୀ ବାବୁଙ୍କ ଏସବୁ ଦୃଷ୍ଟିଗୋଚର ହେଉନାହିଁ। ଯେଉଁଥିପାଇଁ ଆଜି ପର୍ଯ୍ୟନ୍ତ ପତରାଜପୁର ପଞ୍ଚାୟତର କମାଲ୍ ସାହାଙ୍କ ପତ୍ନୀ ଖଇରୁନ୍ ବିବିଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିପାରିନାହିଁ। ବୟସର ଅପରାହ୍ନରେ ପହଞ୍ଚିଥିବା ଖଇରୁନ୍ ସରକାରୀ ବାବୁଙ୍କ



ପାଖକୁ ଦୌଡି ଦୌଡି ହାର୍ ମାନି ଭଗବାନଙ୍କ ଉପରେ ଛାଡିଦେଇଛନ୍ତି। ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରସାରିତ ହେବା ପରଦିନ ତାଙ୍କ ସ୍ୱାମୀ କମାଲ ସାହାଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁ ବେଳକୁ ଶବ ସତ୍କାର ପାଇଁ ସରକାରଙ୍କ ନିୟମ ଅନୁଯାୟୀ ହରିଶ୍ଚନ୍ଦ୍ର ଯୋଜନାରେ ଅନୁକମ୍ପାମୂଳକ ୩୦୦୦ ଟଙ୍କା ମିଳିବା କଥା। ଦୁଃଖର କଥା ସ୍ୱାମୀ ମୃତ୍ୟୁର ୪୦ ଦିନ ପରେ ଅନୁକମ୍ପାମୂଳକ ସାହାଯ୍ୟ ମିଳିଥିଲା। ସ୍ୱାମୀ ଜୀବିତ ଥିବାବେଳେ ଭତ୍ତା ପାଇଁ ସରକାରୀ ବାବୁଙ୍କ ପାଖକୁ ଦୌଡି ଦୌଡି ହୋଇପାରିନଥିଲା। ସ୍ୱାମୀଙ୍କ ମୃତ୍ୟୁକୁ ୨ମାସ ବିତିଯାଇଥିଲେ ମଧ୍ୟ ଭତ୍ତା ହେବା ପାଇଁ ଆଜି ପର୍ଯ୍ୟନ୍ତ ମୃତ୍ୟୁ ପ୍ରମାଣ ପତ୍ର ହୋଇପାରୁନାହିଁ। ସ୍ୱାମୀ ମୃତ୍ୟୁବେଳେ ୱାର୍ଡର ଆଶାକର୍ମୀ ସମସ୍ତ କାଗଜପତ୍ର ନେଇଥିଲେ। ଏବେ ପଚାରିବାରୁ ଆମେ କରିବୁନି, ତୁମେ ନିଜେ ଯାଇ ବଡଚଣାରେ କରିବ ବୋଲି କହୁଛନ୍ତି। ଏ ବିଷୟରେ ପଞ୍ଚାୟତର ଏଏନଏମ ଆରତୀ ମହାରଣାଙ୍କୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଗୋଟିଏ ବୋଲି ପୁଅ ଦିନମଜୁରିଆ। ଖଟି ଯାହା ଆଣେ ତା ପିଲାଛୁଆ ସହ ମିଶି ଅତି ଦୁଃଖ କଷ୍ଟରେ ଚଳୁଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଖଇରୁନ୍ ବିବି ତାଙ୍କ ସ୍ୱାମୀର ମୃତ୍ୟୁ ପ୍ରମାଣ ପତ୍ର ପାଇବା ପାଇଁ ସହଯୋଗ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସୁକିନ୍ଦା ସାହିତ୍ୟ ସମାଜ ପକ୍ଷରୁ ମକର ମିଳନ ଓ କବିତା ପାଠୋତ୍ସବ

**ସୁକିନ୍ଦା,୧୫ ।୧(ସମିସ):** ପବିତ୍ର ମକର ସଂକ୍ରାନ୍ତି ଅବସରରେ ସୁକିନ୍ଦା ସାହିତ୍ୟ ସମାଜ ପକ୍ଷରୁ ମକର ମିଳନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହ ସାହିତ୍ୟିକ ପୂଜ୍ୟ ଓ ଦିଗଦର୍ଶକ ବୋଲି ମତବ୍ୟକ୍ତ କରିଥିଲେ। ସାହିତ୍ୟିକମାନେ ପିଢିଙ୍କୁ ଗଢି ତୋଳି ନୂଆ ଓଡ଼ିଶା ଗଠନରେ ବ୍ରତୀ ହେବାକୁ ଆହ୍ୱାନ ଦେଇଛନ୍ତି। ଏହି ମକର ମିଳନ ଅବସରରେ ଆୟୋଜିତ କବିତା ପାଠୋତ୍ସବରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ସୁକିନ୍ଦାଗଡ ରାଜା ସାହେବ ଭୁଦେବ ଭୂପତି ହରିଚନ୍ଦନ ମହାପାତ୍ର ଉଦଘାଟକ ଓ ଢେଙ୍କାନାଳସ୍ଥ ଭାରତୀୟ ଗଣମାଧ୍ୟମ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡଃ ମୃଣାଳ ଚାଟାର୍ଜୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ହେମନ୍ତ କୁମାର ରାଉତ, ଭିକାରୀ ଚରଣ ରାଉତ, ଅନାମିକା ଦାସ, କୁହିନା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ସଂଗଠନ ପକ୍ଷରୁ ଡଃ ମୃଣାଳ ଚାଟାର୍ଜୀଙ୍କୁ ମକର ସମ୍ମାନ, ଶ୍ରୀମତୀ କୁହୀନା ମିଶ୍ରଙ୍କୁ ମକର ବନ୍ଧୁ ଓ ଅନାମିକା ମିଶ୍ରଙ୍କୁ ମକର ମିତ୍ର, ହେମନ୍ତ କୁମାର ରାଉତଙ୍କୁ ଦୟାନିଧି ବଡ଼ପଣ୍ଡା ସ୍ମୃତି ସମ୍ମାନ, ଡଃ କୃଷ୍ଣଚନ୍ଦ୍ର ପ୍ରଧାନଙ୍କୁ ଭୋଳାନାଥ ମିଶ୍ର ସ୍ମୃତି ସମ୍ମାନ, ଗୋକୁଳ ବିହାରୀ ପୃଷ୍ଟିଙ୍କୁ ଭକ୍ତବନ୍ଧୁ ପାତ୍ର ସ୍ମୃତି ସମ୍ମାନ, ସନ୍ତୋଷ ପ୍ରଧାନଙ୍କୁ ବେଣୁଧର ଭୂୟାଁ ସ୍ମୃତି ସମ୍ମାନ, ବ୍ୟଙ୍ଗକବି ବାଇଧର ମାଝିଙ୍କୁ ରଘୁ ନଳିନୀ ସ୍ମୃତି ସମ୍ମାନ, ଭିକାରୀ ଚରଣ ରାଉତଙ୍କୁ ବେଣୁଧର ସାହୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ବାଲୁକା ଶିଳ୍ପୀ ସନ୍ତୋଷ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମାଜର ସମ୍ପାଦକ ପ୍ରାଧ୍ୟାପକ ହିମାଂଶୁ ଶେଖର ଦ୍ୱିବେଦୀ ସଂପାଦକୀୟ ବିବରଣୀ ପାଠ କରିଥିବାବେଳେ ଅଜୟ କୁମାର ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ କୋଷାଧ୍ୟକ୍ଷ ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସାହିତ୍ୟ ସମାଜର ସଭାପତି ଅକ୍ଷୟ କୁମାର ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ସମାରୋହରେ ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଜିଲ୍ଲାପରିଷଦ ପ୍ରତାପ ପଟ୍ଟନାୟକ, ସରପଞ୍ଚ ସ୍ୱାଧୀନ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ସୁକିନ୍ଦା ତଥା ଆଖପାଖ ଅଞ୍ଚଳର ଶତାଧିକ କବି ଏହି କାର୍ଯ୍ୟକ୍ରମରେ ସ୍ୱରଚିତ କବିତା ପାଠ କରିଥିଲେ। ଅତିଥିମାନେ ସାହିତ୍ୟ ସମାଜର ମୁଖପତ୍ର 'ଋତୁରଙ୍ଗ' ଓ ସୁରେନ୍ଦ୍ର ଦାସଙ୍କ ଗୀତିକାବ୍ୟ 'ବଉଳ'କୁ ଉନ୍ମୋଚନ କରିଥିଲେ।

## ବାବା ବରୁଣେଶ୍ୱର ମହିମା କ୍ୟାସେଟ୍ ଉନ୍ମୋଚିତ



**ସିଂହପୁର, ୧୫।୧(ସମିସ):** ବିଂଝାରପୁରର ପ୍ରସିଦ୍ଧ ଶୈବପୀଠ ବାବା ବରୁଣେଶ୍ୱର ମହିମାକୁ ନେଇ ୮ଟି ଗୀତର କ୍ୟାସେଟ୍ ପ୍ରସ୍ତୁତ ହୋଇଛି। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ନିରଞ୍ଜନ ପରିଡ଼ା ଗୀତଗୁଡିକୁ ରଚନା କରିଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ କୁମାର ଦିଲ୍ଲୀପ, ଅରୂପମା ନାୟକ, ସାଇଶ୍ରୀ ପୃଷ୍ଟି, ବିଜୟିନୀ ଦାଶ, କୁମାର ଜଗଦୀଶ, ଅପରୂପା ତ୍ରିପାଠୀ, ବିଜୟାଲକ୍ଷ୍ମୀ ଶତପଥୀ ଓ ଦେବସ୍ମିତା ମିଶ୍ର ପ୍ରମୁଖ କଣ୍ଠଦାନ କରିଥିଲେ। ଅଖିଳଚକ୍ର ସାରସ୍ୱତ ମଞ୍ଚରେ ମୁଖ୍ୟଅତିଥି ବାଚସ୍ପତି ପ୍ରମିଳା ମଲ୍ଲିକ ବାବା ବରୁଣେଶ୍ୱର ମହିମା କ୍ୟାସେଟ୍‌କୁ ଉନ୍ମୋଚିତ କରିଛନ୍ତି। ସଂଗଠନ ରବୀନ୍ଦ୍ର ପରିଡ଼ା, ସମ୍ପାଦକ ହରେକୃଷ୍ଣ ପଣ୍ଡା ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ମା' ଖଗେଶ୍ୱର ବିଦ୍ୟାଳୟରେ ବନ୍ଧୁମିଳନ

**ବ୍ରହ୍ମବରଦା,୧୫ ।୧ (ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ସାମନ୍ତରାପୁର ମା' ଖଗେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ୨୦୦୫ ମ୍ୟାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କୁ ନେଇ ଏକ ବନ୍ଧୁ ମିଳନ ଓ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ପ୍ରତାପ ପୃଷ୍ଟିଙ୍କ ସଭାପତିତ୍ୱରେ ସଭାରେ ଆୟୋଜନ କରାଯାଇଥିଲା। ଏହି ସଭାରେ ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ମହାନ୍ତି, ସୁଶାନ୍ତ କୁମାର ସାହୁ, ଶତ୍ରୁଘ୍ନ ପ୍ରଧାନ, ଜଳଧର ଦାସ, ଦଣ୍ଡଧର ସାହୁ, ଶ୍ୟାମସୁନ୍ଦର ପ୍ରଧାନ, ରତ୍ନାକର ସ୍ୱାଇଁ, ଅରୁଣ କୁମାର ଦାସ, ବିଜୟ କୁମାର ବେହେରା, ସୁନାକର ସାହୁ, ଭାଗବତ ସାହୁ, ନାରାୟଣ ପଣ୍ଡା ପ୍ରମୁଖ ସମସ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ



ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ କିଛି ମୂଲ୍ୟବାନ ବୃକ୍ଷରୋପଣ କରାଯାଇଥିଲା। ଜୀବନରେ ଜଣେ ଭଲ ନାଗରିକର ଦାୟିତ୍ୱକୁ ସମ୍ପାଦନ କରିବା ଓ ଦରିଦ୍ର, ବୃଦ୍ଧବୃଦ୍ଧା, ମହିଳା ଓ ବାପା ଓ ମା' ଛେଉଣ୍ଡ ପିଲାଙ୍କ ପାଇଁ ପାଣ୍ଠି ସଂଗ୍ରହ କରି ତାଙ୍କ ଉଦ୍ଦେଶ୍ୟରେ ସେବା କାର୍ଯ୍ୟ କରିବା ପାଇଁ କାର୍ଯ୍ୟକ୍ରମ ନିଷ୍ପତ୍ତି ନିଆଯାଇଥିଲା। ଏଥିସହିତ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ କିଶମର ଔଷଧୀୟ ଗଛ ଲଗାଇବା, ଗୋଟିଏ ବ୍ୟକ୍ତି ଗୋଟିଏ ଗଛ ଓ ଅନ୍ୟମାନଙ୍କୁ କିପରି ଏହି ମହତ୍ କାର୍ଯ୍ୟରେ ସହଯୋଗ କରାଯାଇପାରିବ ସେ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଗୋକୁଳାନନ୍ଦ ବେହେରା, ପିୟୁଷ ରଞ୍ଜନ ମହାରଣା, ଯଯାତି ସାହୁ, ଭାସ୍କର ମୁଦୁଲି, ବଳରାମ ପୃଷ୍ଟି, ପ୍ରଭାତ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ନୀଳାଚଳ ସାରସ୍ୱତ ସଂଘ ମାମଲା

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟକୁ ସ୍ୱାଗତ

ଧର୍ମଶାଳା, ୧୫ ।୧ (ସମିସ): ଅଦାଲତଙ୍କ ନିର୍ଦ୍ଦେଶର ଭୁଲ ଅର୍ଥ କରି ଓ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ ନ କରି ପୁରୀସ୍ଥିତ ନୀଳାଚଳ ସାରସ୍ୱତ ସଂଘ ପରିସରରେ ହସ୍ତକ୍ଷେପ ପାଇଁ ହୋଇଥିବା ଉଦ୍ୟମକୁ ଝଟକା ଲାଗିଛି। ଦୁଇଟି ଅଭିଯୋଗ ବିରୋଧରେ ଦାୟର ମାମଲାର ଶୁଣାଣି କରି ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। କୌଣସି ଦମନୀୟ ବାଧ୍ୟତାମୂଳକ ପଦକ୍ଷେପ ଏଥିପାଇଁ ନିଆଯାଇ ପାରିବନାହିଁ। ଏ ସମ୍ପର୍କିତ ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଜଷ୍ଟିସ କୃଷ୍ଣରାମ ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ସୁଧୀର କୁମାର ଲେଙ୍କାଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଫଳରେ ପ୍ରଶାସନ ପକ୍ଷରୁ ଏହି ପ୍ରସଙ୍ଗରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଆଇନ ସମ୍ମତ ନୁହେଁ ବୋଲି ସ୍ପଷ୍ଟ ହୋଇଛି। ଏହି ପ୍ରସଙ୍ଗରେ ଜାରକା ଶାଖା ଭକ୍ତ ସମାଜରେ ଆନନ୍ଦ ପ୍ରକାଶ ପାଇଛି। ସଂଘର ସଭାପତି ନିମାଇଁ କର ଓ ସମ୍ପାଦକ ବିଷ୍ଣୁ ଚରଣ ନାୟକ କୋର୍ଟଙ୍କ ରାୟକୁ ସ୍ୱାଗତ ଜଣାଇଥିବା ପ୍ରେସ ବିବୃତ୍ତିରେ କହିଛନ୍ତି।



## ଛୋଟରାୟପୁରରେ ଅକ୍ଷତ ବଣ୍ଟନ



**ଶଙ୍ଖଚିଲା, ୧୫ ।୧(ସମିସ):** ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ହେବାକୁ ଯାଉଛି ଶ୍ରୀରାମଙ୍କ ଭବ୍ୟ ମନ୍ଦିରର ପ୍ରତିଷ୍ଠା ଉତ୍ସବ। ଏହି ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଇଁ ସନାତନ ଧର୍ମୀ ଜନମାନସକୁ ନିମନ୍ତ୍ରଣ କରିବା ପାଇଁ ଆସିଥିବା ପବିତ୍ର ଅକ୍ଷତ କଳସକୁ ଆଜି କୋରେଇ ବ୍ଲକ ଜହ୍ନା ପଞ୍ଚାୟତ ଛୋଟରାୟପୁରରେ ଭବ୍ୟ ସ୍ୱାଗତ କରାଯାଇଛି। ବଜରଙ୍ଗ ଦଳ, ବିଶ୍ୱହିନ୍ଦୁ ପରିଷଦ, ସାଧୁସନ୍ଥ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଶତାଧିକ ପୁରୁଷ ମହିଳା ପ୍ରଥମେ ଛୋଟରାୟପୁର ଛକସ୍ଥ ହନୁମାନ ମନ୍ଦିର ନିକଟରରୁ ପୂଜାର୍ଚ୍ଚନା ଆରମ୍ଭ କରି ଘଣ୍ଟ ଓ ନାମ ସଂକୀର୍ତ୍ତନ ସହ ଗ୍ରାମର ସମସ୍ତ ସାହି ପରିକ୍ରମା କରିଥିଲେ। ପ୍ରତ୍ୟେକଙ୍କ ଘରେ ଶ୍ରୀରାମଙ୍କ ଫଟୋ ଓ ଅକ୍ଷତ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋରେଇର ବିଜେପି ନେତା ବିଶ୍ୱଜିତ ନାୟକ, ବିକ୍ରମ ବିଶ୍ୱାଳ, ପ୍ରମୋଦ କୁମାର ନାୟକ ପ୍ରମୁଖ ସାମିଲ ଥିଲେ।

## ସେଣ୍ଟ୍ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ



**ଧର୍ମଶାଳା, ୧୫ ।୧ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅରେଇକଣା ପଞ୍ଚାୟତ ରମାପୁରସ୍ଥ ସେଣ୍ଟ ଜାଭିୟର ହାଇସ୍କୁଲର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଧୁଳେଶ୍ୱର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କ୍ୟାପଟେନ୍ ରାଜନାରାୟଣ ମହାପାତ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅଭିମନ୍ୟୁ ସାମନ୍ତସିଂହାର ସାହିତ୍ୟ ଏକାଡେମୀର ସମ୍ପାଦକ ଶରତ କୁମାର ଜେନା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ପାଲା ଗାୟକ ଗୁନଚରଣ ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଗନ ବିହାରୀ ଜେନା, କୋତପୁର ସରପଞ୍ଚ ସୁନାକର ବେହେରା, ସ୍ନେହଲତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ପ୍ରୀତିପଦ୍ମା ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର୍ଷିକ ଉତ୍ସବରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିବା କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ରତିକାନ୍ତ ଦଳାଇ, ଶିକ୍ଷୟିତ୍ରୀ ଦିବ୍ୟାଲକ୍ଷ୍ମୀ ପରିଡ଼ା, ଲକ୍ଷ୍ମୀପ୍ରିୟା ସେଠୀ, ଶ୍ରଦ୍ଧାଞ୍ଜଳି ଦାସ, ସ୍ୱପ୍ନାରାଣୀ ଗନ୍ତାୟତ, ସନ୍ତୋଷୀ ଦାସ, ଶ୍ରୀଦେବୀ ନାୟକ, ସଙ୍ଗୀତା ଦେଓ, ରୀତାଞ୍ଜଳି ସାମଲ ସାଂସ୍କୃତିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଦ୍ୟାଳୟର ସମ୍ପାଦକ ମିହିର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଲେଇଶୁଣୀଙ୍କ ପୀଠରେ ମକର ମେଳା ଆରମ୍ଭ



**ପାଣିକୋଇଲି, ୧୫।୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଗୋଲେଇପୁର ଓ ଜହ୍ନା ପଞ୍ଚାୟତର ଗଣପର୍ବ ମା' ଅଲେଇଶୁଣୀଙ୍କ ପୀଠରେ ସୋମବାର ମକର ସଂକ୍ରାନ୍ତି ଦିନ ମା'ଙ୍କ ବାର୍ଷିକ ଯଜ୍ଞୋତ୍ସବ ଆରମ୍ଭ ହୋଇଛି। ଏଥିନିମନ୍ତେ ପାଞ୍ଚଦିନ ବ୍ୟାପି ମେଳା ଓ ମହୋତ୍ସବ ବହୁ ଆଡ଼ମ୍ବରରେ ପାଳନ କରାଯିବ। ଏହି ମେଳାରେ ମୀନାବଜାର ସହିତ କୁନିକୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସମାରୋହ ଆଦି ଅନୁଷ୍ଠିତ ହେବ। ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ଆୟୋଜିତ ହୋଇଆସୁଥିବା ଉକ୍ତ ମେଳାରେ ପଡ଼ୋଶୀ ପାଣିକୋଇଲି, ପଥରପଦା ଓ ବଡ଼ବିରୁହାଁ ପଞ୍ଚାୟତର ବହୁ ଜନସାଧାରଣଙ୍କ ସମାଗମ ହୋଇଥାଏ। ଅଲେଇଶୁଣୀ ମେଳା କମିଟିର ସଭାପତି ସମାଜସେବୀ ପ୍ରୀତିରଞ୍ଜନ ସାହୁ (ଲିପା), ସମ୍ପାଦକ ପ୍ରଦୀପ ଖଣ୍ଡାଇ, ବରିଷ୍ଠ ସଦସ୍ୟ ଚନ୍ଦ୍ରକାନ୍ତ ଖଣ୍ଡାଇ, ସୋମନାଥ ସାହୁ, ଗୋପାଳଚନ୍ଦ୍ର ଦାଶ, ସୁଶାନ୍ତ ମହାପାତ୍ର, ରବୀନ୍ଦ୍ର କୁମାର ସେଠୀ, ଶତ୍ରୁଘ୍ନ ସାହୁ, କୀର୍ତ୍ତନ ବିହାରୀ ମହାପାତ୍ର, ଅଇଁଠୁ ନାୟକ, ରବି ବେହେରା, ମନୋଜ ନାୟକ, ସତ୍ୟବ୍ରତ ଖଣ୍ଡାଇ, ବିଦ୍ୟାଧର ବେହେରା, ସତ୍ୟାନନ୍ଦ ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି।

### ଯାଜପୁରରେ ନିଆରା ଦୃଶ୍ୟ

# ମୁସଲିମ୍ ମହିଳା ସରପଞ୍ଚଙ୍କ ନେତୃତ୍ୱରେ ଅର୍ପଣ ରଥ ପରିକ୍ରମା

**ବାଲିଚନ୍ଦ୍ରପୁର, ୧୫ ।୧(ସମିସ)**

ଆସନ୍ତା ୧୭ ତାରିଖ ଦିନ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ସମଗ୍ର ଅଞ୍ଚଳରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ ଚାଲିଛି। ଗାଁଠୁ ସହର ସବୁଠି ଚଳଚଞ୍ଚଳ ପରିବେଶ। ସମସ୍ତଙ୍କ ମଧ୍ୟରେ ଆଧ୍ୟାତ୍ମିକତାର ପରିବେଶ। ସମସ୍ତେ ଯେମିତି ଜଗା ପ୍ରେମରେ ପଡ଼ିଯାଇଛନ୍ତି। ପ୍ରତ୍ୟେକ ପଞ୍ଚାୟତରେ ବୁଲୁଛି ଅର୍ପଣ ରଥ। ପଞ୍ଚାୟତର ସରପଞ୍ଚଙ୍କ ନେତୃତ୍ୱରେ ଏହି ରଥ ବୁଲି ବୁଲି ଘରକୁ ଘର ଯାଇ ଗୋଟା ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରୁଛି। ତେଣୁ ଜଗତର ନାଥ ଜଗନ୍ନାଥଙ୍କ ସେବାରେ ଆବାଳ ବୃଦ୍ଧବନିତା ସାମିଲ ହୋଇଥିବାବେଳେ ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଚାରିନଙ୍ଗଳ ପଞ୍ଚାୟତରୁ ଆସିଛି ଭିନ୍ନ ଚିତ୍ର। ଏହି ପଞ୍ଚାୟତର ସରପଞ୍ଚ ହେଉଛନ୍ତି ନୁରଜାହାଁ ବେଗମ। ନିଜେ ମୁସଲମାନ ସମ୍ପ୍ରଦାୟର ହୋଇଥିଲେ ମଧ୍ୟ ସେ ଏହି ଅର୍ପଣ ଯାତ୍ରାର ସମସ୍ତ ନେତୃତ୍ୱ ନେଇଥିଲେ। ଅର୍ପଣ ରଥ ପ୍ରଥମ ଦିନ ଚାରିନଙ୍ଗଳ ମଠରୁ ବାହାରି ଧାଉଡିଆପଦା, ରାଉତସାହି ଯାଇଥିଲା। ଦ୍ୱିତୀୟ ଦିବସରେ ବାହାଦୂରନଗର, ବଳସାହି, ଗହରନଗର, ବାରବାଟୀ, ପୀରପାଟଣା ଦେଇ ପୁଣି ଚାରିନଙ୍ଗଳ ମଠରେ ସମାପ୍ତ ହୋଇଥିଲା।

ଚାରିନଙ୍ଗଳ ପଞ୍ଚାୟତର ଲୋକ ସଂଖ୍ୟା ୧୧ ହଜାରରୁ ଊର୍ଦ୍ଧ୍ୱ। ଏଥିରେ ଅଧାରୁ ଅଧିକ ମୁସଲମାନ ସମ୍ପ୍ରଦାୟର। ଜଗନ୍ନାଥ ଅର୍ପଣ ରଥକୁ ସମସ୍ତ ମୁସ୍‌ଲିମ ଭାଇଭଉଣୀ ଜଗନ୍ନାଥପ୍ରେମୀଙ୍କ ସହ ମିଶି ମହାଆଡମ୍ବରରେ ଅର୍ପଣ ରଥ ସହ ପରିକ୍ରମା କରିଥିଲେ। ଗ୍ରାମରେ ପ୍ରଦୀପ ପ୍ରଜ୍ୱଳନ କରି ଭବ୍ୟ ସ୍ୱାଗତ ପୂର୍ବକ ଚାଉଳ ଓ ଗୁଆ ଅର୍ପଣ କରିଥିଲେ। ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇ ଭାବମୟ ପରିବେଶ ସୃଷ୍ଟି କରିଥିଲା। ପ୍ରତି ଘରର ମାଆଭଉଣୀ ନିଜ ନିଜ ଘର ଆଗରେ ପ୍ରଦୀପ ପ୍ରଜ୍ୱଳନ କରି ଗୁଆ ଓ ଚାଉଳ ଅର୍ପଣ କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ନିରଞ୍ଜନ ସେନାପତି, ସରପଞ୍ଚ ନୁର୍‌ଜାହାଁ ବେଗମ୍, ସମିତିସଭ୍ୟ ଚନ୍ଦ୍ରକଳା ଜେନା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଧନଞ୍ଜୟ ସ୍ୱାଇଁ, ଗ୍ରାମ ରୋଜଗାର ସେବକ ଦେବବ୍ରତ ମହାନ୍ତି, ସଂଖ୍ୟାଲଘୁ ବ୍ଲକ ସମ୍ପାଦକ ମୋଇନ ଅହେମଦ, ବିଜେଡି ସଭାପତି ଗୋଲାମ କିବିରିଆ ଖାନ, ଅର୍ପଣ ରଥ ପ୍ରଚାର କମିଟି ଅଧ୍ୟକ୍ଷ ଉମେଶ ଚନ୍ଦ୍ର ସାମଲ, ପୂର୍ବତନ ସରପଞ୍ଚ ଯଦୁମଣି ଦାସ, ପୂର୍ବତନ ସମିତିସଭ୍ୟ ପ୍ରଫୁଲ୍ଲ ଦାସ, ସେହେନେବାଜ ଆଲାମ, ସେକ୍ ରଜାକ୍ ମହମ୍ମଦ, ଭୀମସେନ ରାଉତ, ସୁବାସ ବଳ ପ୍ରମୁଖ ସାମିଲ ଥିଲେ।



### ଇ-ନିଲାମରେ ଲୁହାପଥର ବେପାରୀଙ୍କ ଦବ୍‌ଦବା

## ହାତବାନ୍ଧି ବସିଛନ୍ତି ସ୍ଥାନୀୟ ଶିଳ୍ପ ସଂସ୍ଥା

**ଦାନଗଦି, ୧୫ ।୧(ସମିସ)**

ସ୍ଥାନୀୟ ଇସ୍ପାତ କାରାଖାନା ଚାଲିବା ପାଇଁ ଲୁହାପଥର କଞ୍ଚାମାଲ ରୂବେ ଆବଶ୍ୟକ ହୋଇଥାଏ। ଏହି ଆବଶ୍ୟକତାକୁ ଓଡ଼ିଶା ଖଣି ନିଗମ (ଓଏମସି) କାଳ କାଳ ଧରି ପୂରଣ କରିଆସୁଛି। ହେଲେ ବିଡ଼ମ୍ବନାରର ବିଷୟ ହେଲା ଯେ ଗୋଟିଏ ପଟେ ସ୍ଥାନୀୟ ଇସ୍ପାତ କାରଖାନା ଆବଶ୍ୟକୀୟ ଲୁହାପଥର ପାଇଁ ଡହକବିକଳ ହେଉଥିବାବେଳେ ଖଣି ନିଗମ ଲୁହାପଥର ବ୍ୟବସାୟ କରୁଥିବା ବେପାରୀଙ୍କୁ ଇ-ନିଲାମ ପ୍ରକ୍ରିୟାରେ ଲୁହାପଥର କ୍ରୟ କରିବା ପାଇଁ ଅନୁମତି ଦେଉଛି। ଏହି ଲୁହାପଥର ବ୍ୟବସାୟୀ ଓଏମସି ଇ-ନିଲାମୀ ପ୍ରକ୍ରିୟାରେ ପ୍ରଚୁର ପରିମାଣର ଲୁହାପଥର କ୍ରୟ କରି ଚଢ଼ା ମୂଲ୍ୟରେ ରପ୍ତାନି କରୁଛନ୍ତି ଓ ଲାଭବାନ ହେଉଛନ୍ତି। ଏପଟେ ଆବଶ୍ୟକ ଲୁହାପଥର ନ ପାଇ ସ୍ଥାନୀୟ କାରଖାନା ବନ୍ଦ ହେବା ଦ୍ୱାରଦେଶରେ ପହଞ୍ଚିଛି।

୨୦୧୫ରୁ ଖଣି ନିଗମ ଇ-ନିଲାମ ବ୍ୟବସ୍ଥା ଲାଗୁ କରିଛି। ସେହି ଦିନଠାରୁ କେବେବି ଲୁହାପଥର ବ୍ୟବସାୟୀଙ୍କୁ ନିଲାମ ପ୍ରକ୍ରିୟାରେ ଭାଗ ନେବା ପାଇଁ ନିଗମ ଅନୁମତି ଦେଉ ନ ଥିଲା। କେବଳ କାରଖାନା ପ୍ରତିଷ୍ଠା କରିଥିବା ଶିଳ୍ପ ସଂସ୍ଥାକୁ ନିଲାମ ପ୍ରକ୍ରିୟାରେ ଭାଗ ନେବା ପାଇଁ ଅନୁମତି ପ୍ରଦାନ କରାଯାଇଥିଲା। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଗତ ନଭେମ୍ବର ମାସଠାରୁ ଖଣି ନିଗମ ଲୁହାପଥର ବ୍ୟବସାୟୀଙ୍କୁ ଜାତୀୟ ନିଲାମ ପ୍ରକ୍ରିୟାରେ ଭାଗ ନେବା ପାଇଁ ଅନୁମତି ଦେଇଛି। ଯାହାଫଳରେ ଖଣି ନିଗମ ଅଧୀନରେ ଥିବା ସମସ୍ତ ଲୁହାପଥର ଖଣିର ନିଲାମ ପ୍ରକ୍ରିୟାରେ ଭାଗ ନେଇ ଏହି ଲୁହାପଥର ବ୍ୟବସାୟୀ ପ୍ରଚୁର ପରିମାଣର ଲୁହାପଥର କ୍ରୟ କରିବା ସହିତ ଏହାକୁ ଚଢ଼ା ଦରରେ ଚୀନକୁ ରପ୍ତାନି କରି ବିପୁଳ ଅର୍ଥ ରୋଜଗାର କରୁଛନ୍ତି।

ଖଣି ନିଗମର ଏହି ବେପରୁଆ ନୀତି ଯୋଗୁଁ ସ୍ଥାନୀୟ କାରଖାନା ଆବଶ୍ୟକ ଲୁହାପଥର ପାଇଁ ଡହକବିକଳ ହେଉଥିବା ଲକ୍ଷ୍ୟ କରାଯାଉଛି। କେତେକ ନିଜର ଶିଳ୍ପ ବନ୍ଦ କରିବା ପାଇଁ ବିଚାର କରୁଛନ୍ତି। ଯଦି ଆଗାମୀ ଇ-ନିଲାମରେ ଓଏମସି ଦ୍ୱାରା ଏଭଳି ଅନୁଚିତ ଓ ପକ୍ଷପାତ ନୀତି ଜାରି ରହେ, ତେବେ ସ୍ଥାନୀୟ ଶିଳ୍ପଗୁଡିକ ସେମାନଙ୍କ କାର୍ଯ୍ୟ ବନ୍ଦ କରିବା ବ୍ୟତୀତ ଅନ୍ୟକୌଣସି ବିକଳ୍ପ ପାଇବେ ନାହିଁ। ଶେଷରେ ଲୋକଙ୍କ ଜୀବିକା ବିପଦରେ ପଡ଼ିବ। ସ୍ଥାନୀୟ ଶିଳ୍ପଗୁଡ଼ିକୁ ବନ୍ଦରୁ ରକ୍ଷା କରିବା ପାଇଁ ଓଏମସି ତୁରନ୍ତ ପଦକ୍ଷେପ ନେବା ସହିତ ବ୍ୟବସାୟୀଙ୍କୁ ଇ-ନିଲାମରେ ଅଂଶଗ୍ରହଣ କରିବାରୁ ବିରତ କରିବା ପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଶିଳ୍ପାସମୂହ ଦାବି କରିଛନ୍ତି।

## ପୂର୍ବତନ କୋରେଇ ବ୍ଲକ୍ ଅଧ୍ୟକ୍ଷଙ୍କ ହୃଦ୍‌ଘାତରେ ପରଲୋକ



**ପାଣିକୋଇଲି, ୧୫।୧(ସମିସ):** କୋରେଇ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଓ ଯାଜପୁର ଜିଲ୍ଲା ପରିଷଦର ୩ନଂ ଜୋନର ସଦସ୍ୟ, ଆମ ଆଦମୀ ପାର୍ଟିର ଆବାହକ ଧରଣୀଧର ଘଡ଼ାଇ (୫୭)ଙ୍କ ରବିବାର ରାତି ୧.୨୦ ସମୟରେ ହୃଦଘାତରେ ପରଲୋକ ଘଟିଛି। ସ୍ୱର୍ଗତ ଘଡ଼ାଇ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେବା ବାଟରେ ମାଳଆନନ୍ଦପୁର ନିକଟରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ପରେ ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ଘଡ଼ାଇ ଜିଲ୍ଲାର ଜଣେ ଦକ୍ଷ ତଥା ଲୋକପ୍ରିୟ ରାଜନେତା ଥିଲେ। ସେ ୨୦୦୭ରେ ପାଣିକୋଇଲି ପଞ୍ଚାୟତର ସମିତି ସଭ୍ୟ ପ୍ରାର୍ଥୀ ଭାବେ ଜିତିବା ପରେ ନିଜର ଲୋକପ୍ରିୟତା ବଳରେ କୋରେଇ ବ୍ଲକ ଅଧ୍ୟକ୍ଷ ପଦ ଅଳଙ୍କୃତ କରିଥିଲେ। ପରେ ୨୦୧୨ରୁ ୧୭ ପର୍ଯ୍ୟନ୍ତ ବିଜୁ ଜନତା ଦଳର ପ୍ରାର୍ଥୀ ଭାବେ ଯାଜପୁର ଜିଲ୍ଲା ପରିଷଦର ୩ ନଂ ଜୋନରୁ ନିର୍ବାଚିତ ହୋଇଥିଲେ। ଏହାପରେ ୨୦୨୨ରେ ଆମ ଆଦମୀ ପାର୍ଟିର କୋରେଇ ବ୍ଲକ ଆବାହକ ଭାବେ ଦାୟିତ୍ୱ ନିର୍ବାହ କରିଆସିଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ସମଗ୍ର କୋରେଇ ବ୍ଲକ ସ୍ତବ୍ଧ ହୋଇଯାଇଥିଲା। ଶବାଧାରରେ କୋରେଇ ବିଧାୟକ ଅଶୋକ ବଳ, ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ, ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି, ବିଜେପି ନେତା ବିଶ୍ୱଜିତ ନାୟକ, ଆଲେକଜାଣ୍ଡାର ଦାସ, ନିତ୍ୟାନନ୍ଦ ମହାଳିକ, ବିକ୍ରମ ବିଶ୍ୱାଳ, ପ୍ରୀତିରଞ୍ଜନ ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନା, କୋରେଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, କୋରେଇ ମଣ୍ଡଳ ସାହିତ୍ୟ ସଂସଦ ସମ୍ପାଦକ ପଣ୍ଡିତ ଡଃ ସୂର୍ଯ୍ୟମଣି ଖୁଣ୍ଟିଆ, ସମାଜସେବୀ ବିଶ୍ୱଜିତ ମହାନ୍ତି, ବ୍ଲକ ବିଜେଡ଼ି ସଭାପତି ଭକ୍ତ ବତ୍ସଳ ସ୍ୱାଇଁ, ବିଜେଡି ଜିଲ୍ଲା ଯୁବ ସଭାପତି ପ୍ରତାପ ମହାନ୍ତି, ପାଣିକୋଇଲିର ସରପଞ୍ଚ ପଦ୍ମାବତୀ ପଣ୍ଡା, ନାଏବ ସରପଞ୍ଚ ଦେବେନ୍ଦ୍ର ସ୍ୱାଇଁ ପ୍ରମୁଖଙ୍କ ସମେତ ବ୍ଲକ ଓ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ମୃତଦେହକୁ ସୁସଜ୍ଜିତ ସ୍ୱର୍ଗରଥରେ ଏକ ବିରାଟ ଶୋଭାଯାତ୍ରାରେ ପାଣିକୋଇଲି ଓ ପଥରପଦା ପଞ୍ଚାୟତ ସମେତ କୋରେଇ ବ୍ଲକ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ପରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମାପନ କରାଯାଇଥିଲା। ପୁତ୍ର ସୁଧାଂଶୁ ମୁଖାଗ୍ନି ଦେଇଥିଲେ।

## 'କୃଷ୍ଣପକ୍ଷର ଚନ୍ଦ୍ର' ପୁସ୍ତକ ଉନ୍ମୋଚିତ

**ମଇଁନ୍ଦା, ୧୫ ।୧(ସମିସ)**



ପୁସ୍ତକ ହେଉଛି ମନୁଷ୍ୟର ମାର୍ଗଦର୍ଶକ ଓ ପଥ ପ୍ରଦର୍ଶକ। ଜ୍ଞାନର ଗନ୍ତାଘର ବୋଲି ବହୁ ଜ୍ଞାନୀ ମତ ଦିଅନ୍ତି। ଆଜି ଔପନ୍ୟାସିକ ଜଗନ୍ନାଥ ଧଳଙ୍କ ଲିଖିତ କୃଷ୍ଣପକ୍ଷର ଚନ୍ଦ୍ର ଉପନ୍ୟାସ ପୁସ୍ତକ ମାଧବ ମଣ୍ଡପରେ ଉନ୍ମୋଚିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ଅଜୟ କୁମାର ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଣ୍ଡିତ ମହେଶ୍ୱର ନନ୍ଦ ଯୋଗ ଦେଇ କହିଲେ, ଏହି ପୁସ୍ତକ ଆଗାମୀ ପିଢି ପାଇଁ ଏକ ଯୁଗାନ୍ତକାରୀ ହୋଇ ରହିବ। ବିରଜା ମଣ୍ଡଳ ସାହିତ୍ୟ ସଂସଦ ସଭାପତି ପଣ୍ଡିତ ଭୂପତି ଭୂଷଣ ମିଶ୍ର ଉନ୍ମୋଚକ ଭାବେ ଯୋଗଦାନ କରିଥିବାବେଳେ ସମୀକ୍ଷକ ଭାବେ ଗାୟକ ନକୁଳ ନାଥଶର୍ମା ଯୋଗ ଦେଇଥିଲେ। ଅନ୍ୟତମ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ଦାମୋଦର ବେହେରା, ସମ୍ମାନିତ ଅତିଥି ଭାବେ ଗାୟକ ପ୍ରଫୁଲ୍ଲ ଆଚାର୍ଯ୍ୟ, ଇଂ ପାର୍ଥବୀ ମିଶ୍ର ଯୋଗଦାନ କରିଥିଲେ। ସେବା ନିବୃତ୍ତ କୀର୍ତନ ବିହାରୀ ସାମଲ, ଅଧିକାରୀ ନବକିଶୋର ଦାସ, ନଟବର ଦାସ, ପ୍ରଶାନ୍ତ ରାଉତରାୟ, ନେତ୍ରାନନ୍ଦ ଦାସ, ଅଧ୍ୟାପିକା ପ୍ରଣତୀ ସାମଲ ସଂକ୍ଷିପ୍ତ ମତ ରଖିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଜୟ ସାମଲ, କବି ତ୍ରିଲୋଚନ ପତି, ସୁରେନ୍ଦ୍ର ମିଶ୍ର, ପ୍ରେମାନନ୍ଦ ମିଶ୍ର, ବିଦ୍ୟାସାଗର ବେହେରା, ନିରଞ୍ଜନ ପରିଡ଼ା, ରଞ୍ଜନ କୁମାର ସାହୁ, ଗଦାଧର ଦାସ, ତୁଷାର ଧଳ, ବିଜୟ ଧଳ, ସହଦେବ ସ୍ୱାଇଁ, ରାମକୃଷ୍ଣ ବେହୁରିଆ, କିଶୋର ବେହେରା, କୈଳାସ ସାମଲ ସହଯୋଗ କରିଥିଲେ। ଏ ଅବସରରେ ୬ ଜଣ ବାଲ୍ୟ ବନ୍ଧୁଙ୍କୁ ସମ୍ମାନିତ କରାଯାଇଥିଲା। ବାର୍ତ୍ତା ସମ୍ପାଦକ ମୀନକେତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନାବାଳିକା ଅପହରଣ ମାମଲାରେ ନାବାଳକ ଅଦାଲତ ଚାଲାଣ

**ପାଣିକୋଇଲି, ୧୫।୧(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ଗ୍ରାମର ଆଦିବାସୀ ବସ୍ତିରେ ଜଣେ ନାବଳିକା ୯ମ ଶ୍ରେଣୀର ଛାତ୍ରୀ ଅପହରଣ ନେଇ ଥାନାରେ ବିଶ୍ୱଜିତ ମୁଣ୍ଡା ଦ୍ୱାରା ଗତ ଜାନୁଆରୀ ୭ ତାରିଖ ଅଭିଯୋଗ ହୋଇଥିଲା। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅପହରଣକାରୀ କେନ୍ଦୁଝର ଜିଲ୍ଲା ସୋସୋ ଥାନା ଅନ୍ତର୍ଗତ ସିଙ୍ଗମ ଗ୍ରାମର କୃଷ୍ଣ ତାମୁଡିଆଙ୍କ ପୁଅ ମେଘନାଦ ଓରଫ ଜତିନ୍ଦ୍ର ତାମୁଡିଆ ବୋଲି ଅଭିଯୋଗରେ ଦର୍ଶାଇଥିଲେ। ଥାନାଧିକାରିଣୀ ଲିଜାରାଣୀ ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମ ତଦନ୍ତାଧିକାରୀ ସବଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ପ୍ରଧାନ ତଦନ୍ତ ଆରମ୍ଭ କରି ନାବାଳିକା ଓ ଅପହରଣକାରୀଙ୍କୁ ଠାବ କରିବାରେ ସକ୍ଷମ ହୋଇଥିଲେ। ଅପହରଣକାରୀ ଯୁବକ ନାବାଳକ ବୋଲି ଜଣାପଡ଼ିଥିଲା। ଉକ୍ତ ନାବାଳିକାକୁ ସଖି ଗୃହରେ ଛାଡିବା ସହ ନାବାଳକକୁ ଆଜି ଯାଜପୁର ପକ୍ସୋ କୋର୍ଟରେ ହାଜର କରାଯାଇଥିବା ତଦନ୍ତାଧିକାରୀ ଶ୍ରୀ ପ୍ରଧାନଙ୍କଠାରୁ ସୂଚନା ମିଳିଛି।

### ପ୍ରଶାସନ ସାଜିଛି ନିରବଦ୍ରଷ୍ଟା

# ଯଖପୁରା ପଞ୍ଚାୟତରେ ଚାଲିଛି ମୋରମ ଲୁଟ୍

**ଯଖପୁରା, ୧୫।୧(ସମିସ)**



ଖଣି ବିଭାଗକୁ ଲଘୁ ଖଣିଜ ପଦାର୍ଥ ବାଲି, ମାଟି, ମୋରମର ଦାୟିତ୍ୱ ଯିବା ପରଠୁ ଲୁଟ୍ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସ୍ୱଷ୍ଟ ଦିବାଲୋକରେ ଖୁଲମ୍‌ଖୁଲା ବାଲି, ମୋରମ ଲୁଟ୍ ହେଉଛି। ସେମିତି ଏକ ଦୃଶ୍ୟ ଦାନଗଦି ତହସିଲ ଅନ୍ତର୍ଗତ ଯଖପୁରା ପଞ୍ଚାୟତରେ ଦେଖିବାକୁ ମିଳିଛି।

ଦିନ ଦ୍ୱିପହରରେ ମୋରମ ଲୁଟ୍ ହେଉଛି। ଯଖପୁରା-ସୁକିନ୍ଦା ଦ୍ୱିତୀୟ ରେଳ ଧାରଣା କାମ ପାଇଁ ବେଆଇନ ଭାବେ ମୋରମ ରେଳ ସାଇଡଂରେ ପଡୁଛି। କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ଭିସା କାରଖାନା ସମ୍ମୁଖ ଦେଇ ଯାଇଥିବା ଯଖପୁରାରୁ କେନ୍ଦୁଝର ରୋଡର ଦ୍ୱିତୀୟ ରେଳ ଧାରଣା ଦୋହରୀକରଣ ପାଇଁ କାମ ଚାଲିଛି। ଯେଉଁ କାମ ପାଇଁ ରେଳ ବିଭାଗ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦେଇଛି। ରେଳ ଧାରଣା ଦୋହରୀକରଣ ପାଇଁ ଆବଶ୍ୟକ ହେଉଥିବା ମାଟି ଓ ମୋରମ ଉଠାଣ ପାଇଁ ଠିକାଦାର ରାଜ୍ୟ ଲଘୁ ଖଣିଜ ବିଭାଗ ନିକଟରୁ କୌଣସି ଆଦେଶ ନ ଆଣି ବେଆଇନ ଭାବରେ ଦିନରାତି ମୋରମ ଲୁଟ କରୁଛନ୍ତି। ରେଳ ଧାରଣା ପାର୍ଶ୍ୱରେ ଶହ ଶହ ଟ୍ରିପ ମାଟି, ମୋରମ ପଡୁଥିବା ଦେଖିବାକୁ ମିଳିଛି। ମୋରମ ପଡୁଥିବା ବିଷୟରେ ଯାଜପୁର ଲଘୁ ଖଣିଜ ଅଧିକାରୀଙ୍କୁ ପଚାରିବାରୁ ସେ ଏ ବିଷୟରେ ଜାଣିନାହାନ୍ତି ବୋଲି କହିଛନ୍ତି। କଳିଙ୍ଗନଗର ଓ ଦାନଗଦି ବ୍ଲକରେ ଅନେକ ସ୍ଥାନରେ ରାସ୍ତାଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟ ଚାଲୁଛି। ସେଥିପାଇଁ ଆବଶ୍ୟକ ପଡୁଥିବା ମାଟି ମୋରମ ଉଠାଣ ପାଇଁ ବିଭାଗୀୟ କାର୍ଯ୍ୟଳୟରୁ କୌଣସି ଅନୁମତି ନ ଆଣି ନିର୍ଭୟରେ ରାତିଅଧିଆ ମୋରମ ଓ ମାଟି ଲୁଟ୍ ହେଉଥିବା ଦେଖିବାକୁ ମିଳୁଛି। କେତେକ ରାସ୍ତା କାମରେ ମୋରମ ଫିଲିଙ୍ଗ୍ ବଦଳରେ ମାଟି ପଡୁଛି। ରେଳ ଧାରଣା ଦୋହରୀକରଣ ପାଇଁ ଆବଶ୍ୟକ ପଡୁଥିବା ମୋରମକୁ ବେଆଇନ ଭାବେ ବ୍ୟବହାର ହେଉଥିବାରୁ ବିପୁଳ ପରିମାଣର ସରକାରୀ ରାଜସ୍ୱ ହାନୀ ହେଉଛି। ଏହାର ଉପଯୁକ୍ତ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଜାମୁବଣିଆରେ ଯୁବ ଦିବସ ପାଳନ



**ଧର୍ମଶାଳା, ୧୫ ।୧(ସମିସ):** ଯାଜପୁର ନେହେରୁ ଯୁବ କେନ୍ଦ୍ର ଓ ବାବା ଗୋକର୍ଣ୍ଣେଶ୍ୱର ଯୁବ ସଂଘ ମିଳିତ ଆନୁକୂଲ୍ୟରେ ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତର ଜାମୁବଣିଆଠାରେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ସପ୍ତାହ ପାଳିତ ହୋଇଯାଇଛି। ଏନେଇ ଏକ ସପ୍ତାହ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତାପ ବେହେରାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ରଞ୍ଜନ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଦିବସ ଉପରେ ଆଲୋଚନା କରିଥିଲେ। କୋଚିଂ ସେଣ୍ଟରର ପ୍ରତିଷ୍ଠାତା ଉଗ୍ରସେନ ମହାନ୍ତି, ଅଧ୍ୟାପକ ଜ୍ୟୋତିରଞ୍ଜନ ଦାସ, ଶିକ୍ଷକ ସୌମ୍ୟରଞ୍ଜନ ମହାନ୍ତି, ଶିକ୍ଷକ ଦୀପ୍ତିରଞ୍ଜନ ଦାସ ଓ ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ଅରୁଣ କୁମାର ରଣା ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ପିଲାମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରଯାଇଥିଲା।

# ବାବା ଆଖଣ୍ଡଳମଣିଙ୍କୁ ଲାଗିହେଲା ପୋଡ଼ ପିଠା ଓ ମକର ଚାଉଳ

ଭଦ୍ରକ/ଆରଡ଼ି, ୧୫ ।୧(ସମିସ)



ମାଘ ମାସ ପ୍ରଥମ ସୋମବାରରେ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କଲେ ହଜାର ହଜାର ଭକ୍ତ। ପବିତ୍ର ମକର ସଂକ୍ରାନ୍ତି ପାଇଁ ଆରଡ଼ି ଧାମର ବାବା ଆଖଣ୍ଡଳମଣିଙ୍କ ମନ୍ଦିର ହୋଇ ଉଠିଥିଲା ଚଳଚଞ୍ଚଳ। ପରମ୍ପରା ଅନୁଯାୟୀ, ବାବାମଣିଙ୍କୁ ନୂଆ ଚାଉଳରେ ପ୍ରସ୍ତୁତ ପୋଡ଼ପିଠା ଓ ମକର ଚାଉଳ ଲାଗି କରାଯାଇଥିଲା। ପୀଠରେ ପ୍ରଚଳିତ ବିରଜା ପଞ୍ଜିକା ଅନୁଯାୟୀ, ମାଘ ମାସର ପ୍ରଥମ ସୋମବାର ଥିବାରୁ ପୀଠରେ ହଜାର ହଜାର ଭକ୍ତଙ୍କ ଭିଡ ଲାଗିଥିଲା। ଦୈନିକ ନୀତିକାନ୍ତି ଅନୁଯାୟୀ ଭୋର ୪ଟା ଦ୍ୱାରଫିଟା ନୀତି ସମ୍ପନ୍ନ କରାଯିବା ସହ ସକାଳ ୫ଟାରେ ନୂଆ ମକର ଚାଉଳ ଓ ପୋଡ଼ପିଠା ଲାଗି କରାଯାଇଥିଲା। ଅପରାହ୍ନ ୪ଟା ସୁଦ୍ଧା ସମସ୍ତ ସକାଳ ନୀତିକାନ୍ତି ସମ୍ପନ୍ନ ହେବା ପରେ ବାବାଙ୍କୁ ବଡ଼ସିଂହାର ବେଶରେ ସଜ୍ଜିତ କରାଯାଇ ଅନ୍ୟାନ୍ୟ ନୀତି କରାଯାଇଥିଲା। ଭକ୍ତଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ନିମନ୍ତେ ଜିଲ୍ଲା ପ୍ରଶାସନ ଓ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଧାଡି ବ୍ୟବସ୍ଥା କରାଯାଇଥିବା ବେଳେ ଭିତର ବେଢ଼ା ଓ ବାହାର ବେଢ଼ାରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସେହିଭଳି ଭକ୍ତ ଭିଡକୁ ଦୃଷ୍ଟିରେ ରଖି ବସ୍‌ଷ୍ଟାଣ୍ଡ ଠାରୁ ମନ୍ଦିର ଓ ପୀଠ ଚର୍ତୁପାର୍ଶ୍ୱରେ କଡ଼ା ସୁରକ୍ଷା ବ୍ୟବସ୍ଥା ସ୍ୱରୂପ ପୋଲିସ ଫୋର୍ସ ମୁତୟନ କରାଯାଇ ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିଲା।

# ମା' ଦପାନାୟକାଣୀ ପୀଠରେ ମକରମେଳା ଆରମ୍ଭ



**ତିହିଡ଼ି, ୧୫।୧(ସମିସ):** ତିହିଡ଼ି ଥାନା ଅନ୍ତର୍ଗତ ଈଶ୍ୱରପୁରସ୍ଥିତ ପଞ୍ଚତୀର୍ଥରେ ବିରାଜମାନ କରିଥିବା ମା' ଦପାନାୟକାଣୀଙ୍କର ପୀଠରେ ଆଜି ଠାରୁ ଆରମ୍ଭ ହୋଇଛି ପ୍ରସିଦ୍ଧ ମକର ମେଳା ମହୋତ୍ସବ। ପ୍ରଥମ ଦିନରେ ଲକ୍ଷାଧିକ ଶ୍ରଦ୍ଧାଳୁ ପୀଠରେ ପହଞ୍ଚି ମା'ଙ୍କର ଦର୍ଶନ କରିଛନ୍ତି। ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବା ଏହି କ୍ଷେତ୍ର ତିନିଦିନ ପାଇଁ ହେବ ଉତ୍ସବ ମୁଖର। ଏଥିପାଇଁ ମା'ଦପା ନାୟକାଣୀ ପୂଜା କମିଟି ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ମା' ଦପାନାୟକାଣୀଙ୍କ ପ୍ରତି ଲୋକମାନଙ୍କର ବିଶ୍ୱାସ ଓ ଭକ୍ତି ଅସୀମ। ସାଳନ୍ଦୀ କୂଳରେ ବନ୍ୟା ପ୍ଳାବିତ ଅଞ୍ଚଳ ଈଶ୍ୱରପୁରରେ ମା'ଙ୍କର ଅବସ୍ଥାନ ଲୋକଙ୍କୁ ସଦାସର୍ବଦା ଅଭୟବାଣୀ ପ୍ରଦାନ କରିଆସୁଥିବା ବେଳେ ନିଜର ପାର୍ଥିବ ଦୁଃଖ ଜଞ୍ଜାଳକୁ ନେଇ ମା'ଙ୍କ ପାଖରେ ନିବେଦିତ କଲେ ତାହା ଅଚିରେ ଦୂର ହୋଇଯିବାର ବିଶ୍ୱାସ ଅନନ୍ୟ। କେଉଁ ପୁରାତନ କାଳରୁ ପ୍ରତିଷ୍ଠିତ ହୋଇଥିବା ମା'ଙ୍କ ନିକଟରେ କୁକୁଡ଼ା, ବୋଦା, ମାଟିଘୋଡ଼ା, ଶାଢ଼ି ଓ ସିନ୍ଦୁର ମାନସିକ କଲେ ବିଭିନ୍ନ ସମସ୍ୟା ଦୂର ହୋଇଥାଏ। ପ୍ରତ୍ୟେକ ବର୍ଷ ମକର ସଂକ୍ରାନ୍ତି ହେଉଛି ମା'ଙ୍କର ପାର୍ବଣର ସମୟ। ସମଗ୍ର ଭଦ୍ରକ ଜିଲ୍ଲା ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଲକ୍ଷାଧିକ ଭକ୍ତଙ୍କର ସମାଗମ ହୁଏ ମା'ଙ୍କ ପୀଠରେ। ୩ ଦିନ ଧରି ଅନୁଷ୍ଠିତ ହେଉଥିବା ମକର ପର୍ବରେ ମାନସିକ କରିଥିବା ଭକ୍ତମାନଙ୍କର କୁକୁଡ଼ା, ମାଟିଘୋଡ଼ା ଇତ୍ୟାଦିକୁ ମା'ଙ୍କ ନିକଟରେ ସମର୍ପିତ କଲାପରେ ସେମାନଙ୍କୁ ବଳି ଦିଆ ନଯାଇ ମା'ଙ୍କ ସମ୍ମୁଖରେ ଉଡ଼ାଇ ଦେବାର ଅନନ୍ୟ ପରମ୍ପରା ଏଠାକାର ବିଶେଷତ୍ୱ। ସେହିପରି ମାନସିକ କରିଥିବା ଭକ୍ତମାନେ ଏଠାରେ ଧୂଆଁରେ କ୍ଷୀରି ପ୍ରସ୍ତୁତ କରି ମା'ଙ୍କ ନିକଟରେ ଭୋଗ ଲଗାଇଥା'ନ୍ତି। ସୂଚନା ଯୋଗ୍ୟ, ପୂର୍ବରୁ ଲୋକେ ଡଙ୍ଗା ବା ବାଉଁଶଚାରରେ ଏହି ପୀଠକୁ ଭକ୍ତମାନେ ଯିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଏଠାରେ ପୋଲଟିଏ ନିର୍ମାଣ ହେବାପରେ ମା'ଙ୍କ ପୀଠ ସୁଗମ୍ୟ ହୋଇପାରିଛି।

# ବିଭିନ୍ନ ସ୍ଥାନରେ ମକର ସଂକ୍ରାନ୍ତି ପାଳିତ

**ଅସୁରାଳି, ୧୫ ।୧(ସମିସ):** ନେତ୍ର ପୀଠ ବରୁଣେଇ, ଚୁନିଦାର ମା' କ୍ଷେତ୍ରବାସୀ, ଗୋବିନ୍ଦପୁରର ମା' ବୁଢୀ ଜାଗୁଳାଇ, ମା' ବଜ୍ରାଶୁଣି ଓ ମା' ତାରିଣୀ ପ୍ରଭୃତି ପୀଠରେ ବହୁ ଆଡମ୍ବରରେ ମକର ସଂକ୍ରାନ୍ତି ପୂଜା ଅନୁଷ୍ଠିତ ହୋଇଯାଇଛି।



ପ୍ରମୁଖ ଶକ୍ତି ପୀଠ ଭାବରେ ନେତ୍ର ତୀର୍ଥ ମା' ବରୁଣାଇଙ୍କ ପୀଠରେ ମକର ସଂକ୍ରାନ୍ତି ଅବସରରେ ଏକ ବିରାଟ ମେଳା ଲାଗିଥାଏ। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଏହି ମେଳାରେ ଯୋଗ ଦେଇଥାନ୍ତି। ଚଳିତ ବର୍ଷ ନେତ୍ରତୀର୍ଥ ପୀଠରେ ୫୬ ତମ ମକର ସଂକ୍ରାନ୍ତି ପୂଜା ଅନୁଷ୍ଠିତ ହୋଇଯାଇଛି।

ସେହିପରି ଭଦ୍ରକ- ଧାମନଗର ରାସ୍ତାରେ କଲେଇ ପଞ୍ଚାୟତରେ ଥିବା ମା' କ୍ଷେତ୍ରବାସୀଙ୍କ ପୀଠ ମକର ସଂକ୍ରାନ୍ତିରେ ବିଶେଷ ବୈଦିକ ରୀତିନୀତି ଅନୁସାରେ ପୂଜକ ଲକ୍ଷ୍ମୀଧର ପାଣି ମା'ଙ୍କର ପୂଜାର୍ଚ୍ଚନା କରିଥିଲେ। ୩୦୦ ବର୍ଷ ପୁରୁଣା ଏହି ପୀଠରେ ଚଳିତ ବର୍ଷ ସଂକ୍ରାନ୍ତି ପୂଜା ଅନୁଷ୍ଠିତ ହୋଇଛି। କପାଳୀ ନଦୀ ତୀରରେ ଅବସ୍ଥିତ ଏହି ପୀଠକୁ ଲାଗି ମା'ସ୍ୱପ୍ନେଶ୍ୱରୀ ସନ୍ତୋଷୀ ମା' ମନ୍ଦିର, ମହାବୀର ମନ୍ଦିର ପ୍ରଭୃତି ଲାଗି କରି ରହିଛି। ମକର ସଂକ୍ରାନ୍ତି ଅବସରରେ ସମସ୍ତ ଦେବଦେବୀ ପୀଠରେ ଭିଡ ଦେବାକୁ ମିଳୁଛି।

## ବିଭିନ୍ନ ପୀଠରେ ମକର ପର୍ବ ପାଳନ



**ଭଣ୍ଡାରିପୋଖରୀ, ୧୫।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଗ୍ରାମରେ ପବିତ୍ର ମକରପର୍ବ ସୋମବାର ପାଳନ କରାଯାଇଛି। ଶ୍ରଦ୍ଧାଳୁମାନେ ବିଭିନ୍ନ ମଠ ମନ୍ଦିର ଓ ଦେବାଳୟରେ ଦିଅଁ ଦର୍ଶନ କରି ସଦ୍ୟ ପ୍ରସ୍ତୁତ ଅରୁଆଚାଉଳ, ଅଦା, ଗୁଡ଼, ଆଖୁ, ଦହି, ମହୁ ମିଶ୍ରିତ ଭୋଗଲାଗି କରିଛନ୍ତି। ବିଭିନ୍ନ ସ୍ଥାନରେ ହୋମଯଜ୍ଞ ଅନୁଷ୍ଠିତ ହୋଇଛି। ସାନଶାସନ ପଞ୍ଚାୟତ ବାହାଦୂଲନଗର ରେବ ନଦୀ କୂଳରେ ମା'ଅଁଳାଶୁଣୀଙ୍କ ପୀଠରେ ପୂଜା କମିଟି ଆନୁକୂଲ୍ୟରେ ପୂଜାର୍ଚ୍ଚନା ହୋଇଛି। ବାରିକପୁର ମା' କାଳୀତିରା ପୀଠ, ଦକ୍ଷିଣବାଡ଼ ପଞ୍ଚାୟତ ବଣସାହି ଗ୍ରାମର ମା'ଚେକାସାଆନ୍ତାଣୀଙ୍କ ପୀଠ, ଡାହଲା କୁରାଡ଼ିଆପଦା ଜଗନ୍ନାଥମନ୍ଦିର, ଜଗନ୍ନାଥପ୍ରସାଦ ମା' ଖଡ଼୍ଗଧାରିଣୀ ମନ୍ଦିର, ମଞ୍ଜୁରୀ ନୂଆନଈ କୂଳରେ ଅବସ୍ଥିତ ଅପୂଜା ମହାଦେବଙ୍କ ଆସ୍ଥାନରେ ମକରପର୍ବ ପାଳନ ହୋଇଛି। ସେହିପରି ବିଶୋଳ ମା'ବାସୁଳେଇ ପୀଠ, ମାଳଦା ମା' ତାରେଣୀ ଠାକୁରାଣୀ, ନପଙ୍ଗ ମା'କାଇଁଶ ଠାକୁରାଣୀ, ମୁଢାପଦା ହନୁମାନ ମନ୍ଦିର ଓ ବିଭିନ୍ନ ଗ୍ରାମଦେବାଦେବୀଙ୍କ ପୀଠ ଓ ମନ୍ଦିରରେ ମକର ପର୍ବ ପାଳନ ସହ ବିଶେଷ ପୂଜାର୍ଚ୍ଚନା କରାଯାଇଛି।

# ସାଟିବାଟି ଗ୍ରାମରେ ନିଆରା ମକର ଉତ୍ସବ

**ତିହିଡ଼ି, ୧୫।୧(ସମିସ):** ଆଜି ପବିତ୍ର ମକର ସଂକ୍ରାନ୍ତି ପାଇଁ ତିହିଡ଼ି ବ୍ଲକ ମହରମପୁର ପଞ୍ଚାୟତ ଅଧୀନ ସାଟିବାଟି ପାଲଟି ଯାଇଥିଲା ଦାନର ଗ୍ରାମ। ଗ୍ରାମର ଆବାଳ ବୃଦ୍ଧ ବନିତା ଆଜି ଅସହାୟଙ୍କୁ ଦାନ ଦେବା ପାଇଁ ତତ୍ପର ହୋଇଉଠିଥିଲେ। ବହୁ ପୁରାତନ କାଳରୁ ମକର ସଂକ୍ରାନ୍ତି ଦିନ ଗ୍ରାମବାସୀ ନିଜ ନିଜ ଘର ସମ୍ମୁଖରେ ଚାଉଳ, ପଇସା ଓ ପିଠା ଧରି ଅପେକ୍ଷା କରିଥା'ନ୍ତି ଅସହାୟ ଲୋକଙ୍କୁ ପ୍ରଦାନ କରିବା ପାଇଁ। କାହାରିଙ୍କୁ ମାଗିବାକୁ ପଡ଼େ ନାହିଁ। ସ୍ୱତସ୍ଫୂର୍ତ ଭାବେ ସହାୟତା ପ୍ରଦାନ କରି



ଗ୍ରାମବାସୀ ନିଜକୁ ଏହି ମହାନ ପରମ୍ପରାରେ ସାମିଲ କରିଥା'ନ୍ତି। ତେବେ ସରକାର ଏକ ଟଙ୍କିଆ ଚାଉଳ ବଣ୍ଟନ କରିବା ପରେ ଏହି ନିଆରା ପରମ୍ପରା ହଜିବାକୁ ବସିଥିଲା। ସହାୟତା ନେବାକୁ ଆସୁଥିବା ଲୋକଙ୍କ ଭିଡ଼ ମଧ୍ୟ କମିବାକୁ ଲାଗିଲା। ଏହି ପରମ୍ପରାକୁ ବଜାୟ ରଖିବା ପାଇଁ ଗ୍ରାମର ଯୁବକମାନେ ନିଜ ପକେଟରୁ ଅର୍ଥ ବ୍ୟୟ କରି କମ୍ବଳ, ଶାଢ଼ି, ଧୋତି, ଗାମୁଛା, ଖାଦ୍ୟ ଆଦି ପ୍ରଦାନ କରିଛନ୍ତି। ଘରେ ଘରେ ମଧ୍ୟ ଲୋକେ ଚାଉଳ ଓ ପଇସା ରଖି ଦାନ କରିଛନ୍ତି। ଗ୍ରାମର ଶିବ ମନ୍ଦିର ପରିସରରେ ବସ୍ତ୍ର ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତିହିଡ଼ି, ଚାନ୍ଦବାଲି ଆଦି ବ୍ଲକର ବିଭିନ୍ନ ସ୍ଥାନରୁ ଏହି ଅସହାୟ ଲୋକେ ସଂକ୍ରାନ୍ତିର ପୂର୍ବ ଦିନରୁ ଗ୍ରାମରେ ପହଞ୍ଚି ଆତିଥ୍ୟ ଗ୍ରହଣ କରିଥିଲେ। ସେହିପରି ଯୋଗୀମାନେ ମଧ୍ୟ ନିଜର ପାରମ୍ପରିକ କେନ୍ଦରା ଓ ଗୟଳ ଶଙ୍ଖ ଧରି ଗତକାଲି ରାତ୍ରିରୁ ଗ୍ରାମରେ ଆତିଥ୍ୟ ଗ୍ରହଣ କରିଥିଲେ। ଗ୍ରାମର ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ଭାଗିରଥି ଆଚାର୍ଯ୍ୟଙ୍କ ନେତୃତ୍ୱରେ ବିଭୂତି ଭୂଷଣ ଦାସ, ହରେକୃଷ୍ଣ ଆଚାର୍ଯ୍ୟ, ଦେବାଶୀଷ ପଣ୍ଡା, ହରେକୃଷ୍ଣ ବେହେରା, ହରେକୃଷ୍ଣ ପାତ୍ର, ବସନ୍ତ ସେଠୀ, ନିରଞ୍ଜନ ବେହେରା, ରବିନାରାୟଣ ପାତ୍ର, ଡମ୍ବରୁ ଲେଙ୍କା, ବଳରାମ ଆଚାର୍ଯ୍ୟ, ଦିଲିପ ବାରିକ, ରାଜେନ୍ଦ୍ର ଦାସ, ଶଶିକାନ୍ତ ସେଠୀ, ବାଇଧର ପାତ୍ର, ସୁବ୍ରତ ଲେଙ୍କା ଓ ବିଜୟ ଜେନା ପ୍ରମୁଖ ଗ୍ରାମର ଯୁବକମାନେ କାର୍ଯ୍ୟକ୍ରମରେ ସାମିଲ ହୋଇ ଶତାଧିକ ଅସହାୟଙ୍କୁ ବଣ୍ଟନ କରିଥିଲେ।

# ଚଳଚଞ୍ଚଳ କାଞ୍ଜିଆପାଳ ପୀଠ



**ଦୋବଲ, ୧୫ ।୧(ସମିସ):** ଦୋବଲ ନିକଟସ୍ଥ ଖଡ଼ିପଦା ପଞ୍ଚାୟତର ବହୁ ପୁରାତନ ପ୍ରସିଦ୍ଧ ପୀଠ କାଞ୍ଜିଆପାଳରେ ମକର ସଂକ୍ରାନ୍ତି ପାଇଁ ଚଳଚଞ୍ଚଳ ହୋଇଉଠିଛି। ଶତାଧିକ ବର୍ଷ ଧରି ଏହି ପ୍ରସିଦ୍ଧ ମହାପୁରୁଷ ପରମହଂସ ପୀଠରେ ମକର ସଂକ୍ରାନ୍ତି ପର୍ବ ପାଳନ କରାଯାଇଥାଏ। ଏହି ପୀଠରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମହାପୁରୁଷ ଗାଦି ଦର୍ଶନ କରିବା ସହିତ ଅଲୌକିକ କାଞ୍ଜିପାଣି ପାନ କରିଥାନ୍ତି କାଞ୍ଜିପାଣି ପାନ ଦ୍ୱାରା ବହୁ ପ୍ରକାର ବଡ଼ ବଡ଼ ରୋଗରୁ ମୁକ୍ତି ମିଳିବା ନେଇ କଥା ରହିଛି। ତାହାସହ ଲୋକେ ମଠରେ ପୋଡ଼ ପିଠା ଓ ପଣା ଭୋଗ ଲଗାଇ ଆଶୀର୍ବାଦ ଭିକ୍ଷା କରିଥାନ୍ତି। ମଠରେ ଚଳିତ ବର୍ଷ ୨ ଦିନ ପୂଜା ପାଳନ କରାଯିବା ନେଇ କମିଟି ପକ୍ଷରୁ ନିଷ୍ପତି ହୋଇଛି। ଏଥିରେ ମୀନାବଜାର ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥାଏ। ସୁରକ୍ଷା ଦୃଷ୍ଟିରୁ ଧାମନଗର ପୁଲିସ ପକ୍ଷରୁ ବ୍ୟପକ ବ୍ୟବସ୍ଥା ହୋଇଥାଏ। ଏହି ପ୍ରସିଦ୍ଧ ମକର ମେଳାରେ ଯୋଗଦେବା ଲାଗି ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ଭଦ୍ରକ ସାଂସଦ, ଧାମନଗର ବିଧାୟକ, ପୂର୍ବତନ ବିଧାୟକ, ବ୍ଲକ ଅଧକ୍ଷ ସମେତ ଅନ୍ୟ ରାଜନୈତିକ ବ୍ୟକ୍ତି ମାନେ ମଠକୁ ଯାଇ ଦର୍ଶନ କରିଥାଆନ୍ତି।

# ଧୂନିବାଡ଼ିରେ ମକରମେଳା

**ଆଗରପଡ଼ା, ୧୫।୧(ସମିସ):** ବନ୍ତ ବ୍ଲକ ଆଡ଼ିଆ ପଞ୍ଚାୟତ ଅର୍ନ୍ତଗତ କୁଆଁର୍ଦା ସ୍ଥିତ ଧୂନିବାଡ଼ିରେ ମକର ମେଳା ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଗ୍ରାମବାସୀଙ୍କ ସହଯୋଗରେ ମକର ସଂକ୍ରାନ୍ତି ଠାରୁ ଏହି ମେଳା ଆରମ୍ଭ ହୋଇଛି। ମକର ସଂକ୍ରାନ୍ତି ଦିନ ବ୍ଲକର ବିଭିନ୍ନ ଅଂଚଳରୁ ହଜାର ହଜାର ଲୋକଙ୍କ ଉକ୍ତ ପୀଠରେ ସମାଗମ ହୋଇଥିଲା। ପୀଠରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମକୁ ବ୍ରହ୍ମାନନ୍ଦ ଭୂୟାଁ, ଉପେନ୍ଦ୍ରନାଥ ପାତ୍ର, ଉମାକାନ୍ତ ପାତ୍ର, ନାରାୟଣ ଭୂୟାଁ, ରମାକାନ୍ତ ରାଉତ୍, ଫଂଚାନନ ମୁଖୀ, ବାବାଜୀ ଦାସ, ନିତ୍ୟାନନ୍ଦ ଜେନା, ରବୀନ୍ଦ୍ର ଦଳେଇ, ରବୀନ୍ଦ୍ର ମହାପାତ୍ର, ବାବାଜୀ ଚରଣ ଆଇଚ, ସିଦ୍ଧେଶ୍ୱର ଜେନା, ନାରାୟଣ ପାତ୍ର, ରବୀନ୍ଦ୍ର କୁମାର ମୁଦୁଲୀ, କାର୍ତ୍ତିକ ଚରଣ ଧଳ, ଅଭିମନ୍ୟୁ ଆଇଚ, ମଧୁସୂଦନ ପାତ୍ର, ରତ୍ନାକର ଜେନା ଓ ଲକ୍ଷ୍ମୀଧର ନାୟକ ପ୍ରମୁଖ ପରିଚାଳନା କରିଥିଲେ। ପୀଠରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ବିଧାୟକ ପ୍ରଫୁଲ ସାମଲ ଉଦ୍‌ଘାଟନ କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ମୀନାରାଣୀ ଜେନା, ସମିତିସଭ୍ୟା ପ୍ରମିଳା ଭୂୟାଁ, ବନ୍ତ ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବରିଷ୍ଠ ନେତା ବିଜୟ ଜେନା, ନାରାୟଣ ଭୂୟାଁ, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ ପ୍ରମୁଖ ଯୋଗଦେଇଥିଲେ।



---

**ଡାକ୍ତର ନିଯୁକ୍ତିରେ ବାସୁଦେବପୁରକୁ ଅଣଦେଖା**

# ଜିଲ୍ଲାକୁ ୫୧; ବାସୁଦେବପୁରର ଭାଗ ଜଣେ

**ବାସୁଦେବପୁର, ୧୫ ।୧(ସମିସ):** ଭଦ୍ରକ ଜିଲ୍ଲାର ଗତ ଶୁକ୍ରବାର ୫୧ ( ଏମବିବିଏସ) ଜଣ ଡାକ୍ତରଙ୍କ ନିଯୁକ୍ତି ମିଳିଛି। ତେବେ ଏହି ୫୧ରୁ ବାସୁଦେବପୁରରେ ଭାଗରେ ପଡ଼ିଛି ମାତ୍ର ଜଣେ ଡାକ୍ତର। ଜିଲ୍ଲାର ମୋଟ ୮ ଗୋଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫୧ ଜଣ ନବନିଯୁକ୍ତ ଡାକ୍ତରମାନଙ୍କୁ ଥଇଥାନ କରାଗଲା। ହେଲେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭଳି ଏକ ସମ୍ବେଦନଶୀଳ ଡାକ୍ତରଖାନାକୁ ମାତ୍ର ଜଣେ ଡାକ୍ତର ଦେଇ ପ୍ରଶାସନ ସ୍ଥାନୀୟ ଅଞ୍ଚଳବାସୀଙ୍କୁ କ୍ଷୁବ୍ଧ କରିଛି। କାହା ଇଙ୍ଗିତରେ ଡାକ୍ତର ନିଯୁକ୍ତିରେ ପାତରଅନ୍ତର କରାଗଲା ତାହା ଏବେ ବିରାଟ ପ୍ରଶ୍ନ ଲୋକମାନଙ୍କୁ ଆନ୍ଦୋଳିତ କରିଛି। ଦୀର୍ଘ ଦିନ ଧରି ଡାକ୍ତରଙ୍କ ମରୁଡ଼ି ପାଇଁ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ବିପର୍ଯ୍ୟସ୍ତ ଲାଗି ରହିଛି। ଚାନ୍ଦବାଲି ବ୍ଲକର ୯ ପଞ୍ଚାୟତ ସହିତ ବାସୁଦେବପୁର ବ୍ଲକର ୩୬ ପଞ୍ଚାୟତର ଲୋକ ଓ ପୌରପାଳିକାର ୨୩ ଗୋଟି ୱାର୍ଡର ବିଭିନ୍ନ ରୋଗୀ ଦୈନନ୍ଦିନ ଏହି ଡାକ୍ତରଖାନାକୁ ଆସିଥାନ୍ତି। ରୋଗୀସେବା ବିପର୍ଯ୍ୟସ୍ତ ପାଇଁ ବାସୁଦେବପୁର ଡାକ୍ତରଖାନା ଉପରୁ ମୁହଁ ଫେରାଇ ଭଦ୍ରକ, ବାଲେଶ୍ୱର ଓ କଟକକୁ ଚାଲି ଯାଉଥିବା ଅନେକ ଦୃଷ୍ଟାନ୍ତ ସାମନାକୁ ଆସିଛି। ବିଭିନ୍ନ ସମୟରେ ଡାକ୍ତର ନିଯୁକ୍ତି କ୍ଷେତ୍ରରେ ବିଭିନ୍ନ ଅଣରାଜନୈତିକ ସଂଗଠନ ସହିତ ରାଜନୈତିକ ଦଳ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ନିକଟରେ ଦାବି ଉଠାଇ ଆସିଛନ୍ତି। ତେବେ ଜିଲ୍ଲାରେ ଡାକ୍ତରଙ୍କ ନିଯୁକ୍ତି କରାଯାଇଥିବା ବେଳେ କାହିଁକି ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣେ ମାତ୍ର ଡାକ୍ତରଙ୍କୁ ନିଯୁକ୍ତି କରାଗଲା ତାହା ଏବେ ସଭିଙ୍କ ମନରେ ଅସନ୍ତୋଷ ତେଜିବାରେ ଲାଗିଛି।

୬୦ ବେଡ ବିଶିଷ୍ଟ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବର୍ହି ବିଭାଗରେ ମାସିକ ପାଖାପାଖି ୧୪ ହଜାର ରୋଗୀ ସେବା ପାଇଁ ଆସୁଥିବା ବେଳେ ପ୍ରସୂତି ପାଇଁ ମାସିକ ୩୦୦ରୁ ଊର୍ଦ୍ଧ୍ୱ ମା'ମାନେ ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ଆଉ ଏମରଜେନ୍ସିରେ ମାସିକ ପାଖାପାଖି ୧୫୦୦ ରୋଗୀ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଭରସା କରି ଆସିଥାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରୀ ନିୟମ କହୁଛି, ବିଭିନ୍ନ ବିଭାଗରେ ୧୦ ଜଣ ଡାକ୍ତରଙ୍କ ଆବଶ୍ୟକତା ରହିଛି। ହେଲେ ପୂର୍ବରୁ ମାତ୍ର ୫ ଜଣ ଡାକ୍ତର ରହି ଆସିଥିବା ବେଳେ ଆହୁରି ଆବଶ୍ୟକ ୫ ଜଣଙ୍କ ମଧ୍ୟରୁ ମାତ୍ର ଏବେ ଜଣେ ଡାକ୍ତର ନିଯୁକ୍ତି ପାଇଛନ୍ତି। ଡାକ୍ତରଙ୍କ ମରୁଡ଼ି ଭିତରେ ଏବେ ପୁରୁଣା ଡାକ୍ତରମାନଙ୍କ ପତିଆରା ଏହି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବାକୁ ଗୁରୁତର ଭାବେ ପ୍ରଭାବିତ କରିଆସୁଛି।

ଏହି ସମସ୍ୟା ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ସନ୍ତୋଷ କୁମାର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ୫୧ ଜଣ ଡାକ୍ତରଙ୍କ ନିଯୁକ୍ତି ତାଲିକାରୁ ଆସିଲେ ମାତ୍ର ୩୪। ଆଉ ଏହି ସଂଖ୍ୟାର ଡାକ୍ତରଙ୍କୁ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚସି)ର ଆବଶ୍ୟକତା ପୂରଣ ପରେ ବଳକା ଜଣେ ଲେଖାଁଏ ଡାକ୍ତରଙ୍କୁ ଜିଲ୍ଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି)କୁ ପଠାଯାଇଛି। ଏଥିସହିତ ଦେଖା ଦେଇଥିବା ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟି ଦେବେ ବୋଲି ସେ ସୂଚନା ଦେଇଛନ୍ତି।

**● 'ସକାଳ' ପ୍ରଭାବ**

## ମଝି ରାସ୍ତାରେ ଖାଲ ମରାମତି



**ଦୋବଲ, ୧୫ ।୧(ସମିସ):** କ୍ଷେତ୍ରପୁର-ଭଦ୍ରକ ଭାୟା ଧାମନଗର ଦେଇ ଯାଇଥିବା ମୁଖ୍ୟ ରାସ୍ତାର ଖଡିପଦା ନିକଟରେ ଏକ ବଡ ଖାଲ ସୃଷ୍ଟି ହୋଇଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାର ଖଡିପଦା ଠାରେ ଥିବା ପୋଲ ମୁଣ୍ଡରେ ଶନିବାର ସକାଳେ ଖାଲ ଲୋକଲୋଚନକୁ ଆସିଥିଲା। ଏନେଇ 'ସକାଳ'ରେ ଖବର ପ୍ରକାଶିତ ପରେ ଆଜି ବିଭାଗ ପକ୍ଷରୁ ଖାଲ ମରାମତି କରାଯାଇଛି। ପୋଲଟି ଦବିଯିବା ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଇଛି। ଖାଲ ଯୋଗୁ ବିପଦ ସୃଷ୍ଟି ହେବାର ଆଶଙ୍କା ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ରାସ୍ତାଟି ଭଦ୍ରକ ସହିତ ପଡୋଶୀ ଯାଜପୁର ଜିଲାକୁ ସଂଯୋଗ କରୁଛି। ଦୈନିକ ଏହି ରାସ୍ତା ଦେଇ ଭୁବନେଶ୍ୱର, କଟକ ବାଲେଶ୍ୱର, ଭଦ୍ରକ ସହିତ ଯାଜପୁର ଅଞ୍ଚଳକୁ ବସ ଆତଯାତ କରୁଛି।

# ଶେଷ ହେଲା ଅର୍ପଣ ରଥ ପରିକ୍ରମା

**ମଞ୍ଜୁରୀରୋଡ,୧୫ ।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଅର୍ପଣ ରଥ ପରିକ୍ରମା କାର୍ଯ୍ୟ ଶେଷ ହୋଇଛି। ବ୍ଲକ ଅଧୀନ ୨୩ ପଞ୍ଚାୟତରେ ରଥ ପରିଭ୍ରମଣ କରିଥିବା ଳେ ଶ୍ରଦ୍ଧାଳୁ ମାନେ ଜଗନ୍ନାଥଙ୍କ ପାଇଁ ଗୁଆ ଓ ଅରୁଆ ଚାଉଳ ପ୍ରଦାନ କରିଛନ୍ତି। ଶେଷ ପର୍ଯ୍ୟାୟରେ ଝାଁନାପୁର ଠାରେ ପରିଭ୍ରମଣ କରୁଥିବା ବେଳେ ଏଥିରେ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ଗୁଆ ଓ ଅରୁଆ ଚାଉଳ ପ୍ରଦାନ ପାଇଁ ଲୋକ ମାନଙ୍କୁ ନିବେଦନ କରିଥିଲେ। ଏଥିରେ ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଯୁବନେତା ଲଳିତ ରାଉତ, ନାଗେଶ୍ୱର ହେରା, ଲକ୍ଷ୍ମୀକାନ୍ତ ସାହୁ, ରଙ୍ଗାଧର ପଣ୍ଡା, ଗୋପିନାଥ ପଣ୍ଡା, ପିତାମ୍ବର ଜେନା, ଘନଶ୍ୟାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରହଣିଆ ଗ୍ରାମପଞ୍ଚାୟତ ରାଢୋ ଠାରେ ଆଜି ପରିଭ୍ରମଣ କାର୍ଯ୍ୟକ୍ରମ ଶେଷ ହୋଇଛି। ଗାଁର ବିଶେଶ୍ୱର ଶିବ ମନ୍ଦିର ଠାରୁ ଜଗନ୍ନାଥ ରଥ ପରିଭ୍ରମଣ ଆରମ୍ଭ କରିଥିଲା ନାମ ସଂକୀର୍ତ୍ତନ ସହିତ ରଥ ଗାଁର ସାହିକୁ ସାହି ପରିକ୍ରମା କରିଥିଲା। ଏଥିରେ ଯୁବ ନେତା ବିରେନ୍ଦ୍ର ନାୟକଙ୍କ ସମେତ ବରିଷ୍ଠ ନାଗରିକ ଦୁର୍ଯ୍ୟୋଧନ ରାଉତ, ଅଜୟ ନାୟକ, ନିରଞ୍ଜନ କୁଅଁର, ସିପୁଆ ଦାସ, କୁନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହା ବ୍ୟତୀତ ଏସ୍‌ଏସଜି ମା'ମାନଙ୍କ ସହ ବହୁ ଜନସାଧାରଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

**● ଅବକାରୀ ବିଭାଗର ଅପାରଗତା**

## ଚୋରା ମଦ ବେପାରୀଙ୍କୁ ଧରିଲେ ଗାଁ ମହିଳା

**ଭଦ୍ରକ, ୧୫ ।୧(ସମିସ):** ଭଦ୍ରକ ଜିଲ୍ଲା ଅବକାରୀ ବିଭାଗର ଅପାରଗତା ଯୋଗୁଁ ଜିଲ୍ଲାର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ବିଭିନ୍ନ ସ୍ଥାନରେ ଏବେ ଚୋରା ମଦ କାରବାର ଆଶାତୀତ ଭାବେ ବୃଦ୍ଧି ପାଇଛି। ବିଶେଷ କରି ଜିଲ୍ଲାର ଭଣ୍ଡାରିପୋଖରୀ ବ୍ଲକ ର ବିଭିନ୍ନ ସ୍ଥାନରେ ଏବେ ଚୋରା ମଦ ବ୍ୟବସାୟ ବୃଦ୍ଧି ପାଇବାରେ ଲାଗିଛି। ଗାଁ ଗହଳି ଠାରୁ ଆରମ୍ଭ କରି ଛକ ବଜାର ଚା' ପାନ ଦୋକାନରେ ଦେଶୀ ଓ ବିଦେଶୀ ମଦର ଚୋରା ବ୍ୟବସାୟ ହେଉଛି। ଅବକାରୀ ବିଭାଗ ସବୁ ଜାଣିସୁଦ୍ଧା ନିଜ ପକେଟ ଗରମ କରିବା ଆଶାରେ ଚୋରା ବ୍ୟବସାୟକୁ ପ୍ରୋତ୍ସାହିତ କରୁଛି।



ଏପଟେ ହାତ ପାହାନ୍ତାରେ ମଦ ମିଳୁଥିବାରୁ ବିଶେଷ କରି ଯୁବପିଢ଼ି ପଥଭ୍ରଷ୍ଟ ହେଉଛନ୍ତି। ଏହାକୁ ନେଇ ମହିଳା ମାନେ ଅତିଶୟ କ୍ଷୁବ୍ଧ ହୋଇ ଚୋରା ମଦ ବେପାରୀକୁ ଧରିଛନ୍ତି। ସୂଚନା ଅନୁଯାୟୀ, ଭଦ୍ରକ ବ୍ଲକ ଅଧୀନ ମାଳଦା ଗାଁରେ ନାରାୟଣ ଜେନା ନାମକ ବ୍ୟକ୍ତି ଦୀର୍ଘ ବର୍ଷ ହେବ ଚୋରା ମଦ ବ୍ୟବସାୟ କରୁଛି। ବେଆଇନ ମଦ ବିକିବା ଯୋଗୁ ପୂର୍ବରୁ ମଧ୍ୟ ସେ ଗିରଫ୍ ହୋଇଥିବା ଜଣାଯାଇଛି। ଏହା ସତ୍ତ୍ୱେ ଚୋରା ମଦ ବେପାର ବନ୍ଦ କରିବା ପରିବର୍ତ୍ତେ ଦିନକୁ ଦିନ ବୃଦ୍ଧି କରିବାରେ ଲାଗିଛନ୍ତି। ପାଖରେ ମଦ ମିଳୁଥିବାରୁ ପୁରୁଷ ମାନେ ଦୈନନ୍ଦିନ ସୁରା ପାନ କରି ମାତାଲ ହେଉଛନ୍ତି। ଏଥିପାଇଁ ଗାଁର ପ୍ରତ୍ୟେକ ପରିବାରରେ ଝଗଡ଼ା ଲାଗି ରହିଛି। ତେଣୁ ଗ୍ରାମର ମହିଳା ମାନେ ଆଜି ଏକତ୍ରିତ ହୋଇ ଚୋରା ବେପାରୀ ଘରେ ପହଞ୍ଚି ପ୍ରାୟ ଦୁଇ ବସ୍ତା ଦେଶୀ ମଦ ଉଦ୍ଧାର କରିବା ସହ ଥାନାକୁ ମଧ୍ୟ ଖବର ଦେଇଥିଲେ। ପାଇ ପୁଲିସ ଗ୍ରାମରେ ପହଞ୍ଚି ଉଦ୍ଧାର ମଦକୁ ଜବତ କରିଥିବା ବେଳେ ଚୋରା ବେପାରୀକୁ ଧରି ପଚରାଉଚରା କରୁଥିବା ଜଣାପଡ଼ିଛି। ଘଟଣାକୁ ନେଇ ଗ୍ରାମରେ ଏକପ୍ରକାର ଉତ୍ତେଜନା ଦେଖାଦେଇଛି। ଅନ୍ୟପକ୍ଷରେ ଅବକାରୀ ବିଭାଗ କାମକୁ ଗାଁର ମହିଳାମାନେ କରିବାରେ ସକ୍ଷମ ହୋଇଥିବାରୁ ବୁଦ୍ଧିଜୀବୀ ମହଲ ପ୍ରଶଂସା କରିଛି।

**ଭଦ୍ରକ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ**

# ମହୋତ୍ସବ ସାଂସ୍କୃତିକ ସଂହତି ଆଣେ

ଭଦ୍ରକ, ୧୫ ।୧(ସମିସ)



ଭଦ୍ରକ ସହର ହେଉଛି ଭାଇଚାରାର ସହର। ଏଠାରେ ଉଭୟଙ୍କ ପର୍ବପର୍ବାଣୀରେ ଉଭୟ ମିଶି ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି। କିନ୍ତୁ ଭଦ୍ରକ ସାଂସ୍କୃତିକ ମହୋତ୍ସବ ମାଧ୍ୟମରେ ଏହି ଭାଇଚାରାକୁ ଅଧିକ ମଜଭୁତ କରିବା ପାଇଁ ଉଭୟ ଧର୍ମର ମୁରବୀ ଓ ପ୍ରତିଭାଧାରୀଙ୍କୁ ସମ୍ମାନ ଜଣାଇ ସାଂସ୍କୃତି ସଂହତି ଆଣିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସଞ୍ଜୀବ ହିରୋ ପ୍ରାୟୋଜିତ ଏହି ମହୋତ୍ସବର ସ୍ଥାୟୀ ସଭାପତି ରବିନାରାୟଣ ଖ୍ୱାଜାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଇଂ.ଅଭୟ ସୂତାର, ସମ୍ମାନିତ ଅତିଥି ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବିଶିଷ୍ଟ ଅତିଥି ଭାବେ କବି ସତ୍ୟପ୍ରକାଶ ସେଠୀ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଭଦ୍ରକ ଓକିଲ ସଂଘ ସଭାପତି ନିରାକାର ଜେନା, ଓକିଲ ସଂଘ ସମ୍ପାଦକ ଦିବ୍ୟସିଂହ



ନାୟକ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, କବି ବାବୁଲାଲ ଦାସ, ଆଇନଜୀବୀ ଯତିକାନ୍ତ ନାୟକ, ଥାନାଧିକାରୀ ବୀରେନ୍ଦ୍ର ସେନାପତି, କଣ୍ଠଶିଳ୍ପୀ ଶଶିକଳା ମିଶ୍ର, ଚିତ୍ରଶିଳ୍ପୀ କ୍ରିତିକ୍ରିଷ୍ଣା ପଣ୍ଡା ପ୍ରମୁଖ ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ସ୍ୱାଗତ, କୋଷାଧକ୍ଷ ପ୍ରିୟଦର୍ଶନ ବୋଇତି ଅତିଥି ପରିଚୟ ଓ ଉପଦେଷ୍ଟା ଜାନକୀ ପାଢ଼ୀ, ଉପସଭାପତି ମନୋରମା ରାୟ, ସଦସ୍ୟା ତେଜସ୍ୱିନୀ ଦାସ, ସସ୍ମିତା ବଳ ଅତିଥିମାନଙ୍କୁ ପୁଷ୍ପ ଗୁଚ୍ଛ ଓ ବ୍ୟାଚ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ସ୍ମୃତିରଞ୍ଜନ ସାହୁ, ଡ.ହରିହର ନାୟକ, ଉମାକଲ୍ୟାଣ ମହାପାତ୍ର, କମିଟିର ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି, ସୀତାକାନ୍ତ ପାଢ଼ୀ, ଆବାହକ ଅବିନାଶ ପଣ୍ଡା, କାର୍ଯ୍ୟକାରୀ ସଭାପତି ଚାରୁଦତ୍ତ ନାୟକ, ଜଗବନ୍ଧୁ ବେହେରା, ପ୍ରଭାତ ଦାଶ, ରାଜେଶ ଦାସ, ଶୁଭଦୀପ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଆର୍‌ଡିଏସ୍ ଗ୍ରୁପର ପିଲାମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଶେଷରେ ୧୧ ଦିନରେ ଅଂଶ ଗ୍ରହଣ କରିଥିବା ବିଭିନ୍ନ ନୃତ୍ୟ ଅନୁଷ୍ଠାନର କୃତୀ ପ୍ରତିଯୋଗୀଙ୍କୁ ବିଧାୟକ ଶ୍ରୀ ମଲ୍ଲିକ ଓ ଅତିଥି ମାନେ ପୁରସ୍କୃତ କରିଥିଲେ। ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ପ୍ରଶଂସାପତ୍ର ଓ ମେଡାଲ ଦିଆଯାଇଥିଲା। ଶେଷରେ ସଭାପତି ଶ୍ରୀ ଖ୍ୱାଜାର ଏହି ସଫଳତା ପାଇଁ ଭଦ୍ରକର ସମସ୍ତ ଜନସାଧାରଣ, ସାମ୍ବାଦିକ ବନ୍ଧୁ ଓ ସଞ୍ଜୀବ ହିରୋ ପ୍ରାୟୋଜକ ପ୍ରୀତିରଞ୍ଜନ ଜେନାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ଯୁବ ମହୋତ୍ସବରେ ପ୍ରତିନିଧିତ୍ୱ କରୁଛନ୍ତି ଗୌତମ

**କେନ୍ଦ୍ରାପଡ଼ା, ୧୫ ।୧(ସମିସ):** ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଓ ମହାରାଷ୍ଟ୍ର ସରକାର ମିଳିତ ଆୟୋଜନରେ ୧୬୧ ତମ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଉପଲକ୍ଷେ ୨୭ତମ ତମ ଜାତୀୟ ଯୁବ ମହୋତ୍ସବ ଅନୁଷ୍ଠିତ ହେଉଛି ।ମହାରାଷ୍ଟ୍ରର ସାଂସ୍କୃତିକ ସମୃଦ୍ଧ ସହର ନାସିକ୍ ଠାରେ



ଜାନୁଆରୀ ୧୨ ରୁ ୧୬ ପର୍ଯ୍ୟନ୍ତ ଅର୍ଥାତ ୫ ଦିନ ବ୍ୟାପି ଏହି ମହୋତ୍ସବରେ କେନ୍ଦ୍ରାପଡ଼ା ଜିଲ୍ଲାରୁ ଯୁବ ସ୍ୱେଚ୍ଛାସେବୀ ତଥା ଉତ୍କଳମଣି ଯୁବ ସଙ୍ଗଠନ ସଭାପତି ଗୌତମ ବେହେରା ପ୍ରତିନିଧିତ୍ୱ କରିଛନ୍ତି ।ଏହି ମହୋତ୍ସବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନ କରିଥିବା ବେଳେ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ସିଂ ଠାକୁର, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ, ଅଜିତ ଅନନ୍ତ ପାୱାର ଓ ରାଜ୍ୟର ଅନ୍ୟାନ୍ୟ ମନ୍ତ୍ରୀ ଉପସ୍ଥିତ ଥିଲେ । ଏହି ମହା ୟୁଥ୍ ଏକ୍ସପୋ ଆୟୋଜନର ଲକ୍ଷ୍ୟ ହେଉଛି କଳା ଏବଂ ସଂସ୍କୃତି, କ୍ରୀଡା ଏବଂ ସୁସ୍ଥତା, ଉଦ୍ୟୋଗୀତା, ଟେକ୍ନୋଲୋଜି ଏବଂ ନିରନ୍ତରତା କ୍ଷେତ୍ରରେ ବିଶେଷଜ୍ଞଙ୍କ ସହ ଯୁବକମାନଙ୍କ ପାରସ୍ପରିକ ଯୋଗଦାନକୁ ସକ୍ଷମ କରି ପ୍ୟାନେଲରେ ଆଲୋଚନା କରିବା । ଯୁବଗୋଷ୍ଠୀଙ୍କୁ କ୍ରୀଡା ଓ ଯୁବ ବ୍ୟାପାର କ୍ଷେତ୍ରରେ ଏକ ବଳିଷ୍ଠ ଭିତ୍ତିଭୂମି ଯୋଗାଇଦେବାକୁ ଏହି ଯୁବ ମହୋତ୍ସବକୁ ଭାରତ ସରକାର ରାଜ୍ୟ ସରକାରମାନଙ୍କ ସହ ମିଶି ୧୯ ୯୫ ରୁ ଆୟୋଜନ କରି ଆସୁଛନ୍ତି ।

## ବଡ଼ନାଉକୋଣା ଧାନମଣ୍ଡି ଉଦ୍‌ଘାଟିତ



**ରାଜନଗର, ୧୫ ।୧(ସମିସ):** ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତର ବଡନାଉକୋଣା ପ୍ରାଥମିକ କୃଷି ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଆଜି ଉଦ୍‌ଘାଟିତ ହୋଇଯାଇଛି । କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧାନମଣ୍ଡିକୁ ଉଦ୍‌ଘାଟନ କରିବା ସହ ଚାଷୀ କିପରି ସହଜ ଭାବେ ଧାନ ମଣ୍ଡିରେ ଦେଇ ପାରିବେ ଓ ଉଚିତ୍ ମୂଲ୍ୟ ପାଇପାରିବେ ସେ ନେଇ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମବାୟ ସମିତିର ସଭାପତି ନରେଶ କୁମାର ବେହେରା, ସମ୍ପାଦକ କ୍ଷେତ୍ରବାସୀ ରାଉତ, ବୈବର୍ତ ନାରାୟଣ ବିଶ୍ୱାଳ, ମନୋଜ କୁମାର ମଲ୍ଲିକ, ପ୍ରକାଶ ଚନ୍ଦ୍ର ତାଡୁ, ଅଲେଖ ହାତି, ଚୈନତ୍ୟ ବିଶ୍ୱାଳ, ଦିବାକର ସାମଲ, ଗୌରାଙ୍ଗ ମଣ୍ଡଳ, ନିଗମ ରାଉତ, ରବୀନ୍ଦ୍ର ପଢ଼ିହାରୀ, ପବିତ୍ର ନାୟକ, କୈଳାସ ପଢ଼ିହାରୀ ପ୍ରମୁଖ ସାମିଲ ହୋଇଥିଲେ ।

## ଧର୍ମପ୍ରାଣ ମହିଳାଙ୍କ ପରଲୋକ

**ରାଜନଗର, ୧୫ ।୧(ସମିସ):** ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳଗ୍ରାପର ପୁର୍ବତନ ସରପଞ୍ଚ ହଳଧର ମିଶ୍ରଙ୍କ ସହଧର୍ମିଣୀ ଶାନ୍ତି ଲତା ମିଶ୍ର(୭୨) ଙ୍କର ଗତ୧୪ ତାରିଖ ରବିବାର ରାତି ପ୍ରାୟ ୧୦ଟା ସମୟରେ ପରଲୋକ ହୋଇଯାଇଛି । ସେ ଜଣେ ମେଳାପି ଓ ପରୋପକାରୀ ମଣିଷ ଥିଲେ ।ତାଙ୍କ ମୃତ୍ୟୁ ଖବର ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି । ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ବିଧାୟକ ତଥା ଜିଲ୍ଲା କଂଗ୍ରେସ କମିଟି ସଭାପତି ଅଂଶୁମାନ ମହାନ୍ତି, ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ପ୍ରାକ୍ତନ ସରପଞ୍ଚ ମୋହନ କୁମାର ଦାସ, ଜିଲ୍ଲା ବିଜେପି ଉପସଭାପତି ଅଜୟ କୁମାର ବେହେରା, ଯୁବନେତା ସରୋଜ କୁମାର ରାଉତ, ସମବାୟ ସମିତି ସଭକ୍ଷପତି ଧ୍ରୁବ ଚରଣ ମହାନ୍ତି, ଓଷ୍ଟା ସଭାପତି ବିଚିତ୍ର କୁମାର ସାହୁ, ଶିକ୍ଷକ ଶୁଭ୍ରଜ କୁମାର ବରାଳ. ଶିକ୍ଷାବିତ୍ ମହେଶ୍ୱର ରାଉତ, ଅନାଦି ଚରଣ ଜେନା.ବିରଞ୍ଚି ନାରାୟଣ ବେହେରା, ସମୀରଣ ମଣ୍ଡଳ ପ୍ରମୁଖ ଶେଷ ଦର୍ଶନ କରିଥିଲେ । ଜ୍ୟେଷ୍ଠ ପୁତ୍ର ମାନସ ରଞ୍ଜନ ମିଶ୍ର ମୁଖାଗ୍ନି ଦେଇଥିଲେ ।

## ଧାନଖଳାରେ ନିଆଁ
# ଜଳିଗଲା ୧୦୦ କ୍ୱିଣ୍ଟାଲ ଧାନ



**ରାଜନଗର, ୧୫ ।୧(ସମିସ)**

ରାଜନଗର ବ୍ଲକ ହାତିନା ପଞ୍ଚାୟତ ପେଣ୍ଠ ଗାଁରେ ଗତକାଲି ଧାନଖଳାରେ ନିଆଁ ଲାଗି ପ୍ରାୟ ୧୦୦ କ୍ୱିଣ୍ଟାଲ ଧାନ ପୋଡି ପାଉଁଶ ହୋଇଯାଇଛି । ସେହି ଗାଁର ବିଚିତ୍ର ଦାସ, ବାବାଜୀ ପ୍ରଧାନ, ଦଇତାରୀ ପାତ୍ର, ପ୍ରଫୁଲ୍ଲ ଦାସ ପ୍ରମୁଖ ବିଲ ଭିତରେ ଧାନଖଳା କରିଥିଲେ । ବିଚିତ୍ର ୨ ଏକର ଜମିରେ କରିଥିବା ଧାନକୁ କାଟିଆଣି ଗଦା ଦେଇଥିଲେ । ଅନ୍ୟମାନେ ଧାନ ଅମଳ କରି ବସ୍ତାରେ ପୁରାଇ ରଖିଥିଲେ । ଗତକାଲି କୌଣସି କାରଣରୁ ନିଆଁ ଲାଗି ଧାନଗଦା ସମେତ ଅମଳ ଧାନ ପୋଡି ପାଉଁଶ ହୋଇଯାଇଛି । ବିଚିତ୍ର ଦାସଙ୍କ ୨ ଏକର ଜମିର ପ୍ରାୟ ୪୦ କ୍ୱିଣ୍ଟାଲ ଧାନ ପୋଡି ପାଉଁଶ ହୋଇଯାଇଥିବା ବେଳେ ବାବାଜୀ ପ୍ରଧାନ, ଦଇତାରୀ ପାତ୍ର ଓ ପ୍ରଫୁଲ୍ଲ ଦାସଙ୍କ ୮୦ କ୍ୱିଣ୍ଟାଲ ଧାନ ପୋଡି ଯାଇଛି । ଯେଉଁ କିଛି ଧାନବସ୍ତା ନିଆଁ ମଧ୍ୟରୁ ଉଦ୍ଧାର ହୋଇଛି, ତାହା ଦୁର୍ଗନ୍ଧ କରୁଥିବାରୁ ତାହା ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି ।

ଏହି ଘଟଣା ୪ଟି ଚାଷୀ ପରିବାରର ମେରୁଦଣ୍ଡକୁ ଦୋହଲାଇ ଦେଇଛି । ରାଜନଗର ବିଧାୟକ ଧ୍ରୁବ ସାହୁ ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି । ସରକାରୀ ସହାୟତା ଯୋଗାଇ ଦେବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ରାଜନଗର ତହସିଲଦାରଙ୍କ ସହ କଥା ହୋଇଛନ୍ତି । ବିଧାୟକଙ୍କ ସହିତ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ସମିତିସଭ୍ୟା ଉତ୍ତମା ସେଠୀ, ପୂର୍ବତନ ସରପଞ୍ଚ ଶ୍ରୀକାନ୍ତ ପ୍ରଧାନ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିଜୟ ନାୟକ, ପୂର୍ବତନ ସମିତିସଭ୍ୟ ପ୍ରଦୀପ୍ତ କୁମାର ସ୍ୱାଇଁ, ଘନଶ୍ୟାମ ବଳ, ସର୍ବେଶ୍ୱର ସାମଲ, ରାମଚନ୍ଦ୍ର ନାୟକ, ସର୍ବେଶ୍ୱର ମହାନ୍ତି, ଜୟୀରାମ ସ୍ୱାଇଁ ପ୍ରମୁଖ ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି ।

## ନାଟ୍ୟ ନିର୍ଦ୍ଦେଶକ କେଳୁ ଚରଣ ସେଠୀଙ୍କ ପରଲୋକ



**ମହାକାଳପଡ଼ା, ୧୫ ।୧(ସମିସ):** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଧନିଆପଡ଼ା ଗ୍ରାମର ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ କେଳୁ ଚରଣ ସେଠୀ(୮୭)ଙ୍କ ଶନିବାର ପରଲୋକ ଘଟିଛି । ସେ ବହୁ କଳାକାରଙ୍କୁ ବିଭିନ୍ନ ବାଦ୍ୟଯନ୍ତ୍ର ଶିକ୍ଷାଦାନ ଦେଇଥିଲେ । ସେ ନାଟ୍ୟଶାଳାରେ କଳାକାର ମାନଙ୍କୁ ନିଖୁଣ ଅଭିନୟ କରିବା ପାଇଁ ନିର୍ଦ୍ଦେଶନା ଦେଉଥିଲେ । ମାଲକାନଗିରି ରେ ନିଜ ଝିଅଙ୍କ ବାସଭବନରେ ତାଙ୍କର ପରଲୋକ ଘଟିଛି । ପୁରୀ ନିଆଯାଇ ଅନ୍ତିମ ସଂସ୍କାର ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଥିବା ବେଳେ ପୁତ୍ର ମନୋରଞ୍ଜନ ସେଠୀ ମୁଖାଗ୍ନି ଦେଇଥିଲେ ।

■ ସଂସାରଫଳରେ କାଉମଡ଼କ ଘଟଣା

## ବିଶେଷଜ୍ଞ ଟିମ୍‌ର ଘଟଣାସ୍ଥଳ ପରିଦର୍ଶନ ଓ ତଦାରଖ



**ପଟ୍ଟାମୁଣ୍ଡାଇ, ୧୫ ।୧(ସମିସ)**

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତଥା ରାଜନଗର ରେଞ୍ଜ ଅଫିସ କାର୍ଯ୍ୟାଳୟ ନିକଟରେ ଥିବା ସଂସାରଫଳ ଗ୍ରାମରେ ୫୦ରୁ ଉର୍ଦ୍ଧ୍ୱ କାଉ ଗୁଡିକର ମୃତ୍ୟୁ ଘଟିଛି । ଯାହାକୁ ନେଇ ସଂସାରଫଳ, ରେସୋ, ଗୁଣ୍ଠି, ଅଢାଡେଉଁରିଆ, ବଡପାଳ, ଗୋପ୍ତିରା, ଚନ୍ଦନନଗର, ଖଣତା, ଡିମିରିଆ, ଓଉପଦା, ମଦନପୁର ସହିତ ଆଖପାଖ ଗ୍ରାମମାନଙ୍କରେ ସାଧାରଣ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି । କାଉ ଗୁଡିକ ପ୍ରଥମେ ଗଛରୁ ତଳକୁ ଖସିପଡ଼ିବା ବାଡେଇ ଛାଟି ହୋଇ ମୁଣ୍ଡ ବୁଲାଇ ମୃତ୍ୟୁବରଣ କରିଛନ୍ତି । ମୃତ୍ୟୁର କାରଣ କଣ ଏ ନେଇ ସାଧାରଣରେ ନାନାଦି ଆଶଙ୍କା ସୃଷ୍ଟି ହୋଇଛି । ଖବର ପାଇ କଟକ ନଖରା ଏଡି.ଆର.ଆଇର ଯୁଗ୍ମ ନିର୍ଦ୍ଦେଶକ ଡା. ମିହିର କୁମାର ନାୟକ, କଟକ ନଖରା ଏଡି.ଆର.ଆଇ ର ବୈଜ୍ଞାନିକ ଡା. ଜ୍ୟୋତିରଞ୍ଜନ ମିଶ୍ର, କେନ୍ଦ୍ରାପଡ଼ା ଜିଲ୍ଲାର ଅତିରିକ୍ତ ଜିଲ୍ଲା ଭେଟେନାରୀ ଅଫିସର ଡା. ମୃତ୍ୟୁଞ୍ଜୟ ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ଭେଟେନାରୀ ଅଫିସର ଡା. ପ୍ରଦୀପ କୁମାର ଜେନା ପ୍ରମୁଖ ସଂସାରଫଳ ଗ୍ରାମରେ ପହଞ୍ଚି ମୃତ କାଉ ଗୁଡିକୁ ଦେଖିବା ସହିତ ମରି ପଡ଼ିଥିବା ସ୍ଥାନରୁ ମାଟି ଓ ମଳ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି । ବିଶେଷଜ୍ଞ ଦଳ ଗୋଟିଏ କୁକୁଡା ଠାରୁ ରକ୍ତ ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇଛନ୍ତି ।। ଖୁବ ଶୀଘ୍ର କାଉଙ୍କ ମୃତ୍ୟୁ ଖବର କେଉଁ କାରଣରୁ ହୋଇଛି ତାହା ସ୍ପଷ୍ଟ ହେବ ବୋଲି ବିଶେଷଜ୍ଞ ଟିମ କହିଛନ୍ତି । ବର୍ତମାନ ପ୍ରଚଣ୍ଡ ଶୀତ ଲହରୀ ପ୍ରବାହିତ ହେଉଥିବାବେଳେ ସୁଦୂର ସାଇବେରିଆ, ଇରାକ, ଇରାନ, ଆଫଗାନିସ୍ଥାନ ଏବଂ ହିମାଳୟ ପାଦ ଦେଶରୁ ଯୋଜନ ଯୋଜନ ପଥ ଅତିକ୍ରମ କରି ବିଦେଶାଗତ ପକ୍ଷୀମାନଙ୍କ ସମାଗମ ଭିତରକନିକାରେ ହୋଇଛି । ପଟ୍ଟାମୁଣ୍ଡାଇ ଉତିକଣ ଅଞ୍ଚଳରେ ଏବେ ଧାନକ୍ଷେତରୁ ଧାନ କଟା ସରିଥିବାରୁ କ୍ଷେତରୁ ଧାନ ଆଉ କୀଟ ପତଙ୍ଗ ଆଦି ଖାଇବା ପାଇଁ ଦଳ ଦଳ ହୋଇ ବିଦେଶାଗତ ପକ୍ଷୀମାନେ ଆସୁଥିବାରୁ ପକ୍ଷୀମାନଙ୍କ ସହ ଏଠାକାର କାଉ ଓ ଅନ୍ୟାନ୍ୟ ପକ୍ଷୀମାନଙ୍କ ସହ ମିଳନ ହେଉଥିବାରୁ ବାର୍ଡଫ୍ଲୁ ର ଆଶଙ୍କା ଦେଖା ଦେଇଥାଏ ପାରେ ବୋଲି ପରିବେଶବିତ ତଥା ପ୍ରକୃତି ବନ୍ଧୁ ଭାସ୍କର ରାଉତରାୟ ସୂଚନା ଦେବା ସହ ଯେହେତୁ ବିଦେଶାଗତ ପକ୍ଷୀମାନଙ୍କ ଆଗମନ ଓ ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ସ୍ଥାନମାନଙ୍କରେ ଥିବା ଆଦ୍ର ଭୂମୀରେ ପକ୍ଷୀମାନଙ୍କ ସମାଗମ ହେଉଛି । ଏମାନଙ୍କ ପ୍ରତି ରାଜନଗର ବନ ବିଭାଗ, ପ୍ରାଣୀ ଚିକିତ୍ସା ଅଧିକାରୀମାନେ ଅଧିକ ସତର୍କ ଓ ସଚେତନ ରହିବା ଜରୁରୀ ବୋଲି ସେ କହିଛନ୍ତି । ଏ ସମ୍ପର୍କରେ ରାଜନଗର ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ କହିଛନ୍ତି ଯେ ଭିତରକନିକାର ବାର୍ଡ ଫ୍ଲୁ ର ଆଶଙ୍କା ନାହିଁ । କାଉଙ୍କ ମୃତ୍ୟୁ ଖବର ମୁଁ ପାଇଛି । ଏ ଦିଗରେ ଅନୁଧାନ ପ୍ରାଣୀ ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଉଛି ବୋଲି ସେ କହିଛନ୍ତି ।

## ନିର୍ବାଚନ ପାଇଁ ଭୋଟର ସଚେତନତା

**ଡେରାବିଶ, ୧୫।୧(ସମିସ)**

ଆସନ୍ତା ସାଧାରଣ ନିର୍ବାଚନ ଆଉ କେତୋଟି ମାସ ଥିବା ବେଳେ ସରକାରୀ ସ୍ତରରେ ଏଥିପାଇଁ ପ୍ରସ୍ତୁତିକୁ ଜୋରଦାର କରାଯାଇଛି । ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ଅଧୀନରେ ୨୬ ଗୋଟି ପଞ୍ଚାୟତ ରହିଥିବା ବେଳେ ଏହି ବ୍ଲକ ଅଞ୍ଚଳରେ ୧୪୫ଟି ବୁଥ୍ ରହିଛି । ଭୋଟର ମାନଙ୍କୁ ଡେମୋନ୍‌ଷ୍ଟ୍ରେସନ୍ ମାଧ୍ୟମରେ ସଚେତନତା କରିବା ପାଇଁ ଚଳିତ ମାସ ୧୧ ତାରିଖ ଠାରୁ ଆରମ୍ଭ ହୋଇଛି ଅଭିଯାନ । ଏହି ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ଏବଂ ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁସାରେ ମୁଖ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ପାଇଁ ଏହି ବ୍ଲକରେ ଅଭିଯାନ ଆରମ୍ଭ ହୋଇଛି । ଏହି ଅଭିଯାନରେ ବ୍ଲକ ପ୍ରକଳ୍ପ ସଂଯୋଜକ ଦେବେଶ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ବ୍ଲକ ଅଧୀନସ୍ଥ ଛୋଟିରୁ ଏହି ଡେମୋନ୍‌ଷ୍ଟ୍ରେସନ୍ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ବିଶେଷ କରି ଇଭିଏମ୍ ମାଧ୍ୟମରେ ଭୋଟରମାନେ କିପରି ଭୋଟ ଦେବେ ସେ ସମ୍ପର୍କରେ ସାଧାରଣ ଭୋଟରଙ୍କୁ ସଚେତନ କରାଯାଉଛି । ଦେବେଶଙ୍କ ସୂଚନା ଅନୁଯାୟୀ ପ୍ରତ୍ୟେକ ବୁଥ୍‌ରେ ଗୋଟିଏ କଣ୍ଟ୍ରୋଲ ୟୁନିଟ୍ ଓ ଆଉଗୋଟିଏ ବାଲାଟ ୟୁନିଟ୍ ରହିଥାଏ । ତେବେ କଣ୍ଟ୍ରୋଲ ୟୁନିଟ୍‌ରୁ ଜଣେ ଭୋଟର ଭୋଟ ପାଇଁ ବ୍ୟବହାର କରୁଥିବା ବଟମକୁ ଜାଣିବା ପାଇଁ ଏକ ଭିଭି ପାର୍ଟ ମେସିନ୍ ଏହି କଣ୍ଟ୍ରୋଲ ୟୁନିଟ୍ ଇଭିଏମ୍‌ରେ ସଂଯୋଗ କରାଯାଇଛି । ପ୍ରତ୍ୟେକ ଭୋଟର କେଉଁ ଚିହ୍ନରେ ବା କେଉଁ ପ୍ରାର୍ଥୀଙ୍କୁ ଭୋଟ ଦେଲେ



୭ ସେକେଣ୍ଡ ପାଇଁ ଭିଭି ପାର୍ଟ ମେସିନ୍‌ରେ ତାହା ଜାଣି ପାରିବେ ବୋଲି ଶ୍ରୀ ବେହେରା କହିଛନ୍ତି । ପ୍ରତ୍ୟେକ ବୁଥ ଅଧୀନରେ ଥିବା ଗ୍ରାମଗୁଡ଼ିକରେ ଏକ ସ୍ୱତନ୍ତ୍ର ଗାଡ଼ିରେ ଥିବା ଏହି ମେସିନ୍‌କୁ ଲୋକମାନେ ଆଗ୍ରହର ସହ ଦେଖୁଥିବା ବେଳେ ଭୋଟ ଗ୍ରହଣ କେନ୍ଦ୍ରରେ ଭୋଟ ସମୟରେ କିପରି ସେମାନେ ଭୋଟ ଦେବେ ସେ ସମ୍ପର୍କରେ ସଚେତନ ହେଉଥିବା ଦେଖିବାକୁ ମିଳିଛି । ଏହି କାର୍ଯ୍ୟକ୍ରମ ଆସନ୍ତା ଫେବୃୟାରୀ ୧୯ ତାରିଖ ଯାଏ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି ।

## ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ



**ରାଜନଗର, ୧୫ ।୧(ସମିସ):** ରାଜନଗର ଗାଁର ଧର୍ମପ୍ରାଣ ବ୍ୟକ୍ତି ତଥା ସମାଜସେବୀ ନରେନ୍ଦ୍ର ସେଠୀ (୯୭ବର୍ଷ) ଙ୍କର ପରଲୋକ ହୋଇଯାଇଛି । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଅନନ୍ତ ସେଠୀ, ପ୍ରଭାତ ସେଠୀ, ହେମନ୍ତ ସେଠୀ ଓ ପରିବାରବର୍ଗ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁ ଖବର ରାଜନଗର ଗାଁରେ ଶୋକର ଛାୟା ଖେଳାଇ ଦେଇଛି । ଗାଁ ଶ୍ମଶାନରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଛି । ତାଙ୍କ ମୃତ୍ୟୁ ଖବରପାଇ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର କୁମାର ଜେନା, ପୂର୍ବତନ ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ର, ବିରଞ୍ଚି ନାରାୟଣ ଦାସ, ମହେଶ୍ୱର ନାୟକ, ମାଗୁଣି ଚରଣ ଲେଙ୍କା, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିଜୟ ନାୟକ, ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ, ଚିତ୍ତ ରଞ୍ଜନ ଦାସ, ବୈବର୍ତ ବିଶ୍ୱାଳ, ରମଣୀ ରଞ୍ଜନ ମହାପାତ୍ର, ବାଇଧର ସେଠୀ ପ୍ରମୁଖ ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି ।

## ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ମନ୍ଦିର ବେଢ଼ା ସଫେଇ

**ରାଜନଗର, ୧୫ ।୧(ସମିସ):** ରାଜନଗର ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ରାଜନଗରସ୍ଥିତ ସର୍ବ ପୁରାତନ ଶ୍ରୀ ଦଧିବାମନଜୀଉ ମନ୍ଦିର, ମା'ଖାଇଖାଇ ମନ୍ଦିର ବେଢ଼ା ଓ ଚତୁଃପାର୍ଶ୍ୱକୁ ସଫେଇ କରାଯାଇଛି । ଛାତ୍ର ସୁରକ୍ଷା ମଞ୍ଚର



ଆବାହକ ଅଧ୍ୟାପକ ସଞ୍ଜୟ କୁମାର ବାଗଙ୍କ ନେତୃତ୍ୱରେ ଛାତ୍ର ସୁରକ୍ଷା ମଞ୍ଚର ସଦସ୍ୟମାନେ ଝୁଡି, କୋଦାଳ ଓ ଝାଡୁ ଧରି ଦୀର୍ଘଦିନ ଧରି ଅଳିଆ ଆବର୍ଜନା ହୋଇ ପଡ଼ିଥିବା ବେଢ଼ା ଓ ଚତୁଃପାର୍ଶ୍ୱକୁ ସଫେଇ କରିଥିଲେ । ମନ୍ଦିର ଭିତରେ ଓ ବାହାରେ ଥିବା ଅଳିଆ ଆବର୍ଜନା ସହିତ ପଲିଥିନ ଓ ପ୍ଲାଷ୍ଟିକକୁ ଏକାଠି କରି ନିଆଁ ଲଗାଇ ତାକୁ ନଷ୍ଟ କରିଥିଲେ । ଏଥିସହ ମନ୍ଦିର ପରିସର ଓ ସର୍ବ ସାଧାରଣ ସ୍ଥାନକୁ ସଫା ସୁତୁରା ରଖିବା ପାଇଁ ଲୋକମାନଙ୍କୁ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ର ସୁରକ୍ଷା ମଞ୍ଚର ସମ୍ପାଦକ ଦେବଦତ୍ତ ସେଠୀ, ପବିତ୍ର କୁମାର ସେଠୀ, ପଦ୍ମଲୋଚନ ପରିଡ଼ା, ସୁକୁମାର ମାନ୍ନା, ଓଁକାର ଜ୍ୟୋତି ବର୍ଦ୍ଧନ, ବାଇଧର ମହାରଣା, ସୁଦାମ ଓଝା, ସୁଶାନ୍ତ ମାନ୍ନା, ଲିଟନ ସେଠୀ, ଅଭୟ ରାଉତ, କ୍ଷୀରୋଦ ନାୟକ, ଶିବ ପ୍ରସାଦ ନାୟକ, ଭକ୍ତ ବତ୍ସଳ ଦାସ, ଶୁଭମ ସାହୁ, ଚନ୍ଦନ ଦାସ, ଅବିନାଶ କୁଣ୍ଡ, ସାଗର ଦାସ, ପ୍ରଶାନ୍ତ ଦାସ, ଅଶୋକ ସେଠୀ ପ୍ରମୁଖ ଝୁଡି, କୋଦାଳ ଓ ଝାଡୁ ଧରି ସଫେଇ କରି ସଚେତନାତାର ବାର୍ତା ବାଣ୍ଟିଥିଲେ ।



